ସକାଳ
THE SAKALA



www.sakalaepaper.com

### ଶିଳ୍ପ ପାର୍କ ଜମି ଅଧିଗ୍ରହଣ ପାଇଁ ଜନଶୁଣାଣି

# ୪ଟି ଗ୍ରାମରୁ ଅଧିଗ୍ରହଣ ହେବ ୯୭୨ ଏକର ଜମି

ଭଦ୍ରକ,୨୦ ।୨(ସମିସ)

ଭଦ୍ରକ ଜିଲ୍ଲାରେ ପ୍ରସ୍ତାବିତ ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ଚାନ୍ଦବାଲି ତହସିଲ ଅନ୍ତର୍ଗତ ଜଗନ୍ନାଥ ପ୍ରସାଦ, ଲକ୍ଷ୍ମୀପ୍ରସାଦ ଓ କଇଥକୋଲା ଗ୍ରାମର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରଭାବିତ ହେଉଥିବା ପରିବାରଙ୍କ ପ୍ରକାଶିତ ହୋଇଥିବା ଚିଠା ପୁନଃର୍ବାସ ଓ ଥଇଥାନ ନୀତି ସମ୍ବନ୍ଧୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳୀ, କୃଷ୍ଣପ୍ରସାଦ ଠାରେ ଆୟୋଜିତ ଏହି ଜନଶୁଣାଣି ଶିବିରରେ ଉପଜିଲ୍ଲାପାଳ ମନୋଜ ପାତ୍ର, ସ୍ବତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ଜନ ସାଧାରଣଙ୍କ ଆବେଦନ ଅଭିଯୋଗ ଶୁଣିଥିଲେ । ସୂଚନା ଯୋଗ୍ୟ, ଏହି ଶିଳ୍ପ ପାର୍କ ପ୍ରତିଷ୍ଠା ନିମନ୍ତେ ୧ମ ପର୍ଯ୍ୟାୟରେ ଜମି ଅଧିଗ୍ରହଣ ପାଇଁ ୪ଟି ରାଜସ୍ୱ ଗ୍ରାମ କଇଥଖୋଲା, ଲକ୍ଷ୍ମୀପ୍ରସାଦ, ପ୍ରସାଦ ଓ କୃଷ୍ଣପ୍ରସାଦରେ ଅନ୍ୟୁନ ୯୭୨ଏକର ବେସରକାରୀ ଜମି ପାଇଁ ୧୧(୧) ଧାରା ଅଧିସୂଚନା ଗତ ଡିସେମ୍ବର ମାସରେ ଓଡ଼ିଶା ସରକାର ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶ



କରାଯାଇଥିଲା । ଯାହାକୁ ୧୨ଟି ଭୂଅର୍ଜନ ନିମନ୍ତେ ପ୍ରୋସିଡିଂ ମାଧ୍ୟମରେ ସର୍ବସାଧାରଣଙ୍କର ଓ କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ପାଇଁ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳ, ପଞ୍ଚାୟତ, ତହସିଲ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବ୍ୟାପକ ଭାବରେ ପ୍ରକାଶିତ କରାଯାଇଥିଲା । ଉକ୍ତ ଅଧିସୂଚନା ଜାରି ପରେ ଭୂଅର୍ଜନ ଆଇନ ଅନୁଯାୟୀ ଏକ ସର୍ବେକ୍ଷଣ ସମ୍ପୃକ୍ତ ପ୍ରଭାବିତ ଅଞ୍ଚଳରୁ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀଙ୍କ ତତ୍ତ୍ୱାବଧାନରେ, ମଣ୍ଡଳ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀମାନେ ଘରକୁ ଘର ଏବଂ ଜମିକୁ ଜମି ବୁଲି ପ୍ରଭାବିତ ହେଉଥିବା ବୃକ୍ଷାଦି, ଗୃହ, ପୁଷ୍କରିଣୀ ଇତ୍ୟାଦିର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିଥିଲେ ଏବଂ ଏହାପରେ ଗତ ମେ'୩/୪ରେ ହୋଇଥିବା ଜନଶୁଣାଣିରେ ଆସିଥିବା ପ୍ରସ୍ତାବ, ବିଶେଷଜ୍ଞ କମିଟିର ରିପୋର୍ଟ, ଏସ୍ଆଇଏ ରିପୋର୍ଟ ବର୍ତ୍ତମାନର ସର୍ବେକ୍ଷଣ ରିର୍ପୋଟକୁ ଭିତ୍ତିକରି ଏକ ଚିଠା ପୁନଃର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରାଯାଇ ଉପଜିଲ୍ଲାପାଳ ତଥା ପ୍ରଶାସକ, ପୁନଃର୍ବାସ ଓ ଥଇଥାନଙ୍କ ଦ୍ୱାରା ଏହାକୁ ବ୍ୟାପକତାକୁ ପ୍ରକାଶ କରାଯାଇଥିଲା । କ୍ଷତିଗ୍ରସ୍ତ ପ୍ରଜାଙ୍କର ଆପତ୍ତି ଓ ଅଭିଯୋଗ ପାଇଁ ଏକ ଜନଶୁଣାଣି ଶିବିର ସ୍ଥାନୀୟ କୃଷ୍ଣପ୍ରସାଦ ନାଥ ଆଶ୍ରୟସ୍ଥଳରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମନୋଜ ପାତ୍ର, ସ୍ୱତନ୍ତ୍ର ଭୁଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ସ୍ୱତନ୍ତ୍ର, ଡିସିଓ ଯାଜପୁର ଅଜୟ ସାହୁ, ଅତିରିକ୍ତ ତହସିଲଦାର ଚାନ୍ଦବାଲି ଠାକୁର ଦାସ ନାଏକ, ଜିଲ୍ଲା ପରିଷଦ ଭଦ୍ରକ ବଳଭଦ୍ର ଲେଙ୍କା, ସରପଞ୍ଚ କୋଇଥଖୋଲା ପ୍ରତିନିଧି ଟୁଟୁ ସାମଲ, ଦୀପା କର୍ମକର୍ତ୍ତା, କାର୍ଯ୍ୟାଳୟ କର୍ମଚାରୀ, ସ୍ଥାନୀୟ ଜନ ପ୍ରତିନିଧି ଦିଗମ୍ବର ଦାସ, ବନବିହାରୀ ମାଇତି, ସେକ୍ ଅବଦୁଲ୍, ରବିନାରାୟଣ ବେହେରା, ବାବୁଲା ମହାନ୍ତି ଏବଂ ପାଖାପାଖି ୨୦୦ କ୍ଷତିଗ୍ରସ୍ତ ଚାଷୀ ଜନଶୁଣାଣି ଶିବିରରେ ଅଂଶ ଗ୍ରହଣ କରିଥିଲେ । କିଛି ସରପଞ୍ଚଙ୍କ ପ୍ରତିନିଧି ପଞ୍ଚାୟତର ବିଭିନ୍ନ ରାସ୍ତା, ପାନୀୟଜଳ ସମସ୍ୟା ବିଷୟରେ ଉପସ୍ଥାପନ କରିଥିଲେ । ଯାହାକୁ ପ୍ରକଳ୍ପ କାର୍ଯ୍ୟକାରୀହେଲେ ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳର ବହୁବିଧ ଉନ୍ନତି ସାଧିତ ହେବବୋଲି ଉପଜିଲ୍ଲାପାଳ ମତ ରଖିଥିଲେ । ଶେଷରେ ବନବିହାରୀ ମାଇତିଙ୍କ ଦ୍ୱାରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରଥିଲେ ।

## କମ୍ୟୁନିଟି ସେଣ୍ଟର ନିର୍ମାଣ ବେଳେ ୱାର୍ଡ ମେମ୍ବରକୁ ନିସ୍ତୁକ ମାଡ଼

**ବାସୁଦେବପୁର,୨୦ ।୨ (ସମିସ):** ବାସୁଦେବପୁର ବ୍ଲକ ବରଣ୍ଡିଆ ପଞ୍ଚାୟତର ମଧୁସୂଦନପୁର ଗାଁର କମ୍ୟୁନିଟ ସେଣ୍ଟର ନିର୍ମାଣ ବେଳେ ୧ନମ୍ବର ୱାର୍ଡ ମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କୁ ନିସ୍ତୁକ ମାଡ ମାରିଥିବାର ଭିଡିଓ ଭାଇରାଲ ହେଉଛି । ଏଥିନେଇ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ପ୍ରକାଶ ଥାଉକି, ବରଣ୍ଡିଆ ପଞ୍ଚାୟତର ମଧୁସୂଦନପୁର ଗ୍ରାମର ୨ ଲକ୍ଷ ୫୦ ହଜାର ଟଙ୍କାର କମ୍ୟୁନିଟ ସେଣ୍ଟର ନିର୍ମାଣ ପାଇଁ ବିଭାଗୀୟ କାର୍ଯ୍ୟାଦେଶରେ ନିର୍ମାଣ କାର୍ଯ୍ୟ ଚଳିଛି । ମଧୁସୂଦନପୁର ମୌଜାର ଖାତାର ନମ୍ବର ୧୨୯ ଗୋଚର ଜମିରେ ଉକ୍ତ କମ୍ୟୁନିଟ ସେଣ୍ଟର



କରିବା ପାଇଁ ତହସିଲଦାର ଫିଜିବିଲିଟ ରିପୋର୍ଟ ପ୍ରଦାନ କରି ଅମିନ ମାପି ଜାଗା ଚିହ୍ନଟ କରିବା ପରେ ନିର୍ମାଣ ଲାଗି ଅନୁମତି ପ୍ରଦାନ କରିଥିଲେ । ଏହି ଜାଗାର କମ୍ୟୁନିଟ ସେଣ୍ଟର ନିର୍ମାଣ ହୋଇ ଛାତ ଲେବୁଲ ପର୍ଯ୍ୟନ୍ତ ଗଲାଣି । କମ୍ୟୁନିଟ ସେଣ୍ଟର ପଛରେ ଥିବା ଜାଗା ମାଲିକ ଉପେନ୍ଦ୍ର ସାହୁ ଓ ଚଗୁଲୁ ସାହୁ ଆଜି ବିରୋଧ କରିଥିଲେ । କାମ ଦେଖିବାକୁ ଆସିଥିବା ୱାର୍ଡମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସହିତ ସେମାନେ ପାଟିତୁଣ୍ଡ କରିଥିଲେ । ଶେଷରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବାରୁ ଦୁଇ ଭାଇ ଉପେନ୍ଦ୍ର, ଚଗୁଲୁ ସହିତ ଆରତୀ ସାହୁ ଅତର୍କିତ ଆକ୍ରମଣ କରି ମାରିଦେବକୁ ଘୋଷାଡି ଘୋଷାଡି ନେଇଥିଲେ । ଚିକ୍ରାର ଶୁଣି ପାଖ ଲୋକମାନେ ଦୌଡି ଆସି ବିରୋଧ କରିବାରୁ ସୁରେଶକୁ ଛାଡି ଦେଇଥିଲେ । ଏହାକୁ ନେଇ ଦୁଇ ଗୋଷ୍ଠି ମଧ୍ୟରେ ଉତ୍ତେଜନା ଦେଖା ଦେଇଛି । ଖବର ପାଇ ପୁଲିସ ଘଟଣା ସ୍ଥଳିକୁ ଯାଇଛି । ବରଣ୍ଡିଆ ପଞ୍ଚାୟତର ମଧୁସୂଦନପୁର ମୌଜାର ଖାତାର ନମ୍ବର - ୧୨୯ ଗୋଚର ଜାଗା ଭଦ୍ରକ ଜିଲ୍ଲାର ହୋଇଥିବା ବେଳେ ପଛ ପ୍ଲଟ ଉପେନ୍ଦ୍ର ସାହୁଙ୍କର ବାଲେଶ୍ୱର ଜିଲ୍ଲାର ବୋଲି ଜଣାଯାଇଛି । ୱାର୍ଡମେମ୍ବର ସୁରେଶ ଚନ୍ଦ୍ର ପାଣିଗ୍ରାହୀ ବାସୁଦେବପୁର ଥାନାରେ ଏହି ଆକ୍ରମଣ ନେଇ ଲିଖିତ ଅଭିଯୋଗ କରିଛନ୍ତି ।

### କଳାଇ ଗ୍ରାମର ରାସ୍ତାଘାଟ, ଡ୍ରେନ୍ ଓ ଷ୍ଟ୍ରିଟ୍‌ଲାଇଟ ସମସ୍ୟା

## ବିସ୍ତୃତ ସତ୍ୟପାଠ ଦେବ ପଞ୍ଚାୟତିରାଜ ବିଭାଗ

**କଟକ/ଭଦ୍ରକ,୨୦ ।୨(ସମିସ):** ଭଦ୍ରକ ଜିଲ୍ଲା କଳାଇ ଗ୍ରାମର ରାସ୍ତାଘାଟ, ଡ୍ରେନ ଓ ଷ୍ଟ୍ରିଟ୍‌ଲାଇଟ ସମସ୍ୟା ସମାଧାନ ହେଉନଥିବା ପ୍ରସଂଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି । ଏହି ମାମଲାରେ କେବଳ ଉକ୍ତ ଗ୍ରାମ ନୁହେଁ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉପୁଜୁଥିବା ଉପରୋକ୍ତ ସମସ୍ୟା ଦୂରୀକରଣ ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାଇବାକୁ ହାଇକୋର୍ଟ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହି ପ୍ରସଂଗରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ବିସ୍ତୃତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ହାଇକୋର୍ଟ । ଚନ୍ଦ୍ରମଣି ନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟରେ ଓଡିଶା ଗ୍ରାମପଞ୍ଚାୟତ ଆଇନର ଧାରା ୪୪ ଅନୁସାରେ ଧାର୍ଯ୍ୟ ଦାୟିତ୍ୱକୁ କାହିଁକି କାର୍ଯ୍ୟକାରୀ କରାଯାଇନାହିଁ ସେ ସମ୍ପର୍କରେ ମଧ୍ୟ ସମ୍ପୃକ୍ତ ଗ୍ରାମପଞ୍ଚାୟତ ପକ୍ଷରୁ ଅଦାଲତରେ ସତ୍ୟପାଠ ଦାଖଲ କରାଯିବ ବୋଲି କହିଛନ୍ତି ଖଣ୍ଡପୀଠ । ମାମଲାରୁ ପ୍ରକାଶ ଯେ ଭଦ୍ରକ ଜିଲ୍ଲା କଳାଇ ଗ୍ରାମପଞ୍ଚାୟତର କଳାଇ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ଶୋଚନୀୟ ହୋଇପଡିଥିବା ଓ ଷ୍ଟ୍ରିଟଲାଇଟ ଲଗାଯାଉନଥିବାରୁ ଅଞ୍ଚଳର ରାସ୍ତାଘାଟ ଅନ୍ଧକାରମୟ ହୋଇପଡୁଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ । ସେହିପରି ରିଟେର୍ଣ୍ଣ ୱାଲ ସହ ଡ୍ରେନ ନିର୍ମାଣ ହୋଇନପାରିବାରୁ ଗ୍ରାମକୁ ବଡ଼ ଗାଡି ଚଳାଚଳ କରିପାରୁନାହିଁ । ଏପରିକି ଗ୍ରାମବାସୀ ମାନେ ସେମାନଙ୍କ ଉତ୍ପାଦିତ ଧାନକୁ ବିକ୍ରି କରିପାରୁନଥିବା ଅଭିଯୋଗ ହୋଇଥିଲା । ଏହା ଉପରେ ବିଭାଗୀୟ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନନେବାରୁ ଆବେଦନକାରୀ କେତେକ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ତେବେ ଏହି ମାମଲାରେ ଭଦ୍ରକ ବିଡିଓଙ୍କ ପକ୍ଷରୁ ଅଦାଲତରେ ଜବାବ ଦାଖଲ କରାଯାଇଥିଲା । ରାସ୍ତା ପାଇଁ ୯ ଲକ୍ଷ୭ ହଜାର ଟଙ୍କା ଓ ଗ୍ରାମରେ ୧୦ଗୋଟି ଷ୍ଟ୍ରିଟଲାଇଟ ଲଗାଯାଇଥିବା ନେଇ ଉଲ୍ଲେଖ ରହିଥିଲା । ରାସ୍ତା ନିର୍ମାଣ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ପୂର୍ବରୁ ଅର୍ଥ ମଞ୍ଜୁର ହୋଇଥିଲା ଓ ୪ଗୋଟି ୱାର୍ଡରେ ୬୫ଟି ଷ୍ଟ୍ରିଟ୍‌ଲାଇଟର ଆବଶ୍ୟକ ବୋଲି ଆବେଦନକାରୀ ଉଲ୍ଲେଖ କରିଥିଲେ । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ କୁ ଧାର୍ଯ୍ୟ ହୋଇଛି ।

## ବଜାର ରାସ୍ତାକୁ ବାଇପାସ କରିବାକୁ ଦାବି

**ଧାମନଗର,୨୦ ।୨(ସମିସ):** ଧାମନଗର ଏନ୍‌ଏସି ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ, ଉନ୍ନତିକରଣ କାର୍ଯ୍ୟ, ସହରାଞ୍ଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ି ବଢ଼ି ଚାଲିଛି । ତା'ସାଙ୍ଗକୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇଛି । ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମାନ ଖୋଲୁଛି । ଦୋକାନୀ ଓ ଉଠା ଦୋକାନୀ ମାନେ ରାସ୍ତା ଉପର ପର୍ଯ୍ୟନ୍ତ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ବାଧା ସୃଷ୍ଟି କରୁଛନ୍ତି । ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାଟି ବହୁ ସମୟରେ ଗହଳି ହୋଇ ଯାତାୟତରେ ବାଧା ଏବଂ ଟ୍ରାଫିକ ସମସ୍ୟା ସୃଷ୍ଟି



ହେଉଛି । ବିଶେଷ କରି ସପ୍ତାହର ୨ଦିନ ବୁଧବାର ଓ ରବିବାରରେ ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି । ସେଥିମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି । ଏହି ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁସମୟ ଧରି ଫସି ରହୁଛି । ସାନ ବଜାର ଠାରୁ ମେଡିକାଲ ବଜାର ଯାଏ ୫ ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନ ସମାଗମ ହେଉଛି । ଏହି ଟ୍ରାଫିକ ସମସ୍ୟାକୁ ନେଇ ବିଗତ ଦିନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଅସୁବିଧା ଦୂରୀକରଣ ନିମନ୍ତେ ଧାମନଗର ଏନଏସି ଅଧିନ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଥାକିଆ ରାସ୍ତା କରାଯାଉ । ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ ଓ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ ହେଉ । ସେହିଭଳି ସହରୀ ମାଷ୍ଟରପ୍ଲାନ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ । ତେବେ ଯାଇ ରାସ୍ତା ଜାମ ଓ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ଦାବି ହୋଇଛି । ସାଂସଦ, ବିଧାୟକ, ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଅନୁରୋଧ କରିଛନ୍ତି ।

## ଡିଆର୍‌କେ ବାରିପଦା ସେମିରେ

**ଦୋବଲ,୨୦।୨(ସମିସ):** ଧାମନଗର ବ୍ଲକ ସୋଧ ଧରମପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ ମା' ସୁବର୍ଣ୍ଣମୁଖି କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ଚତୁର୍ଥ ଲିଗ ମ୍ୟାଚରେ ଧାମନଗରର କେସିଏକୁ ହରାଇ ବାରିପଦାର ଡିଆର୍‌କେ ଟିମ ବିଜୟ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି । କେସିଏ ଟସ ଜିତି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା । ଜବାବରେ ଡିଆର୍‌କେ ୧୯.୪ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରି ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି । ଡିଆର୍‌କେର ଦିବ୍ୟରଞ୍ଜନ ଦାସଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଅମ୍ପାୟାର ଭାବେ ରଞ୍ଜନ ମହାନ୍ତି , ସତ୍ୟବ୍ରତ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ । ସ୍କୋରର ଥିଲେ ପ୍ରଦୀପ ଆଦ୍ଦିଆ ଓ ଦୀପକ ଖଟୁଆ । ଧାରାବିବରଣୀ ପ୍ରଦାନ କରିଥିଲେ ଭୋଳାନାଥ ସାହୁ, ଟିପୋ ଅଲ୍ଲି ଖାଁ ଓ ଅନିଲ ସାମଲ । ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଡିଆରକେ ବାରିପଦା ସହିତ ଏସିଏ ଜାମସେଦପୁର ମଧ୍ୟରେ ଅନୁଷ୍ଠିତ ହେବ ।

## ବୁଢ଼ା ଗଣେଶଙ୍କ ବାର୍ଷିକ ଉତ୍ସବ

**ଅସୁରାଳି,୨୦ ।୨(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତର କଷଟି ଠାରେ ୧୬ତମ ବୁଢ଼ା ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୧୧୬ବର୍ଷ ପୂରାତନ ଏହି ବୁଢ଼ା ଗଣେଶ ପୂଜା ପାଇଁ ଘରଟିଏ ନଥିଲା । ଗ୍ରାମବାସୀ ଏକ କୁଡ଼ିଆ ଘରେ ପ୍ରଭୁଙ୍କର ପୂଜାର୍ଚ୍ଚନା କରି ଆସୁଥିଲେ । ସିଦ୍ଧିଦାତା ପ୍ରଭୁ ଗଣେଶଙ୍କ କୃପାରୁ ବହୁ ଶ୍ରଦ୍ଧାଳୁ ଓ ଗ୍ରାମବାସୀ, ରାଜନୈତିକ ନେତୃତ୍ୱଙ୍କ ସାହଯ୍ୟ ସହଯୋଗ ଓ ଅନୁଦାନ ଯୋଗୁ ଏକ ଭବ୍ୟ ମନ୍ଦିର ନିର୍ମିତ ହୋଇଛି ।



ଆଜକୁ ୧୬ବର୍ଷ ଧରି ଗଣନାଥ ବୁଢ଼ା ଗଣେଶଙ୍କ ପ୍ରତିମୂର୍ତ୍ତି ଏହି ମନ୍ଦିରରେ ପୂଜିତ ହୋଇ ଆସୁଛନ୍ତି । ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଗ୍ରାମବାସୀ ସହଯୋଗ କରି ଏହି ଆଧାତ୍ମିକ ଅନୁଷ୍ଠାନକୁ ସଫଳ କରିଛନ୍ତି । ତ୍ରିଦିବସୀୟ ଏହି ଆଧାତ୍ମିକ ଅନୁଷ୍ଠାନକୁ ପଣ୍ଡିତ ଚକ୍ରଧର ମୈକାପ ଓ କର୍ତ୍ତା ଶୁଭଙ୍କର ନାୟକ, ବିନ୍ଦୁ ଓଝା ପୂଜାବିଧିକୁ ବୈଦିକ ରୀତିରେ ସମ୍ପାଦନ କରିଥିଲେ ।

## ମଦ ଜବତ, ଦୁଇ ଗିରଫ

**ମଞ୍ଜୁରୀ ରୋଡ୍,୨୦ ।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅଧୀନ ୨ଗୋଟି ସ୍ଥାନରୁ ଆଜି ବେଆଇନ ମଦ ବିକ୍ରୟ ଅଭିଯୋଗରେ ୨ଚୋରା ବେପାରୀଙ୍କୁ ଗିରଫ କରାଯାଇଛି । ଧାମନଗର ଅବକାରୀ ଥାନା ଅଧିକାରୀ ଅଭିଳାଷ ପାଲଙ୍କ ନେତୃତ୍ୱରେ ଆଜି ଏକ ଟିମ ବଡ଼ ବନସ୍ତା ଓ ବିଶୋଳ ଠାରେ ଚଢ଼ାଉ କରି ପ୍ରାୟ ୧୦ଲିଟର ବେଆଇନ ମଦ ଜବତ କରିଛନ୍ତି । ଏହା ସହିତ ମଦ ବିକ୍ରୟ କରୁଥିବା ଅଭିଯୋଗରେ୨ଚୋରା ବେପାରୀଙ୍କୁ ଗିରଫ କରାଯାଇ କୋର୍ଟ ପଠା ଯାଇଛି । ଉକ୍ତ ଚଢ଼ାଉରେ ସନ୍ତୋଷ ଦାସ, ଶିବପ୍ରସାଦ ସାହୁ, ରମାକାନ୍ତ ବାରିକ, ସୂର୍ଯ୍ୟକାନ୍ତ କିସ୍କୁ ସାମିଲ ଥିଲେ ।

## ଜବରଦଖଲ ଉଚ୍ଛେଦ

**ମଞ୍ଜୁରୀ ରୋଡ୍, ୨୦ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ଗ୍ରାମପଞ୍ଚାୟତ କଇଁସିରା ଠାରେ ଆଜି ଜବରଦଖଲ ଉଚ୍ଛେଦ ହୋଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ଉଚ୍ଛେଦ ହୋଇଥିବା ଜଣାପଡିଛି । ତହସିଲଦାରଙ୍କ ନେତୃତ୍ୱରେ ଏହି ବେଆଇନ ଉଛେଦ ସମ୍ପୂର୍ଣ୍ଣ ହୋଇଛି । ବିଶେଷ କରି ଦୀର୍ଘଦିନ ହେବ ସର୍ବସାଧାରଣ ରାସ୍ତାକୁ କିଛି ବ୍ୟକ୍ତିମାନେ ବାଡ ଘେରାଉ କରିବା ସହିତ ପାଚେରୀ ନିର୍ମାଣ କରି ଜବର ଦଖଲ କରିଥିଲେ । ଫଳରେ ସର୍ବସାଧାରଣ ଯାତାୟତରେ ଘୋର ଅସୁବିଧା ହେଉଥିଲା । ଏନେଇ ଗ୍ରାମର ଜଣେ ସ୍ୱେଚ୍ଛାସେବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଉଚ୍ଛେଦ ହୋଇଛି । ଆଇନ ଶୃଙ୍ଖଳା ପାଇଁ ଥାନା ଅଧିକାରୀ ଅଜୟ ସୁଦର୍ଶନ ।ଗେଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।

## ଆଖଣ୍ଡଳମଣି ପୀଠରେ ଗଡ଼ିଲା ଅଳିଆ ଉଠା ଗାଡ଼ି



**ଆରଡି,୨୦ ।୨ (ସମିସ):** ଶୈବପୀଠ ଆରଡ଼ି ଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର ଯେପରି ସଦାସର୍ବଦା ସଫାସୁତରା ରହିବ ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଛି । ଆଜି ଚାନ୍ଦବାଲି ବିଡିଓ ଅସିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆଖଣ୍ଡଳମଣି ପୀଠରେ ପ୍ରଥମକରି ବ୍ୟାଟେରୀ ଚାଳିତ ୨ଟି ଅଳିଆ ଉଠା ଗାଡି ଗଡିଛି । ପୂର୍ବରୁ ପୀଠର ଅନେକସ୍ଥାନରେ ଦୀର୍ଘଦିନ ଧରି ଅଳିଆ ପଡିବା ଦ୍ୱାରା ଦୁର୍ଗନ୍ଧମୟ ହେଉଥିଲା । ହେଲେ ବିଗତ ୨ବର୍ଷ ହେବ ଜିଲା ପ୍ରଶାସନ ପକ୍ଷରୁ ପୀଠକୁ ସଫାସୁତରା ରବା ପାଇଁ ସ୍ୱଚ୍ଛଭାରତ ଅଭିଯାନ ମାଧ୍ୟମରେ ପୀଠରେ ବାରମ୍ବାର ସଫେଇ କାର୍ଯ୍ୟ କରାଯିବା ସହ ପ୍ରତିଦିନ ଯେମିତି ପୀଠରେ ସଫେଇ କାର୍ଯ୍ୟ ଜାରି ରହିବ ସେଥିପାଇଁ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଅଳି ଉଠା ଟ୍ରଲି ସହ ବ୍ୟାଟେରୀ ଚାଳିତ ଗାଡି ଯୋଗାଇ ଦିଆଯାଇଛି । ଏହି ଗାଡି ଦିନରେ ୨ଥର ବୁଲି ଅଳିଆ ସଂଗ୍ରହ କରିବ ବୋଲି ବିଡିଓ ଶ୍ରୀ ମହାନ୍ତି କହିଛନ୍ତି । ଏହି ଅଳିଆ ଉଠା ଗାଡି ଗଡିବା ସମୟରେ ବିଡିଓ ଶ୍ରୀ ମହାନ୍ତିଙ୍କ ସହ ବ୍ଲକ କନିଷ୍ଠଯନ୍ତ୍ରୀ ଅମୀୟ ପଲେଇ, ସ୍ୱଚ୍ଛ ଭାରତର ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଆରଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ନିରଞ୍ଜନ ଶଙ୍ଖୁଆ, ଗ୍ରାମସେବକ ସତ୍ୟରଞ୍ଜନ ପତି, ସରପଞ୍ଚ ଶ୍ରଦ୍ଧାଞ୍ଜଳି ପାଢୀ, ପୂର୍ବତନ ସରପଞ୍ଚ ସରୋଜ ଦାସ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ବରିଷ୍ଠ ସେବାୟତ ଗଦାଧର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମନଗରରେ ୨୮୧୬ ପରୀକ୍ଷାର୍ଥୀ

**ଦୋବଲ,୨୦ ।୨(ସମିସ):** ଧାମନଗର ବ୍ଲକରେ ମାଟ୍ରିକ ପରୀକ୍ଷା ପାଇଁ ୧୭ଟି କେନ୍ଦ୍ର ପାଇଁ ୨୮୧୬ ଜଣ ଆଡ଼ମିଟ କାର୍ଡ ନେଇଥିଲେଫ ପ୍ରଥମ ଦିନରେ ମାତୃଭାଷା ପରୀକ୍ଷାରେ ୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଆସିନଥିବା ସୂଚନା ଦେଇଛନ୍ତି ଧାମନଗର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ ଗଦାଧର ଜେନାଫ ବୋର୍ଡ ପକ୍ଷରୁ ୧୭ଟି ପରୀକ୍ଷା କେନ୍ଦ୍ର କରାଯାଇଛିଫ ସୂଚନାଯୋଗ୍ୟ; ଅସୁରାଳି ହାଇସ୍କୁଲରେ ୧୯୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧ ଜଣ ଅନୁପସ୍ଥିତ, ବାପୁଜୀ ହାଇସ୍କୁଲ ମହତାବ ନଗର ବେତାଳିଗାଁରେ ୨୬୯ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨୬୮ ଜଣ ପରୀକ୍ଷା ଦେଇଥିବା ବେଳେ ୧ ଜଣ ଅନୁପସ୍ଥିତି, ଇନ୍ଦ୍ର ଗୋବିନ୍ଦ ହାଇସ୍କୁଲ ତୁଡ଼ାକୁଟିରେ ୧୭୫ ମଧ୍ୟରୁ ୪ ଜଣ ଅନୁପସ୍ଥିତ, ଧାମନଗର ସରକାରୀ ହାଇସ୍କୁଲରେ ସମସ୍ତ ୨୦୧ ପରୀକ୍ଷାର୍ଥୀ ଉପସ୍ଥିତ, ଧୂଷୁରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୬୮ ମଧ୍ୟରୁ ୨ ଅନୁପସ୍ଥିତ, ଗୋପବନ୍ଧୁ ନଗର ହାଇସ୍କୁଲ ହସନାବାଦରେ ୨୩୯ ମଧ୍ୟରୁ ୪ ଅନୁପସ୍ଥିତ, ଇନ୍ଦ୍ରମଣି ଉଚ୍ଚ ବିଦ୍ୟାଳୟ ତୁଡ଼ାକୁଟିରେ ସମସ୍ତ ୧୪୩ ପରୀକ୍ଷାର୍ଥୀ ଉପସ୍ଥିତ, ଜନତା ନୋଡାଲ ଉଚ୍ଚ ବିଦ୍ୟାପୀଠ ଜାହାଙ୍ଗୀରରେ ୧୨୯ ଜଣ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ, ଖଡ଼ିପଦା ହାଇସ୍କୁଲରେ ୧୨୬ ମଧ୍ୟରୁ ୫ ଅନୁପସ୍ଥିତ, କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୭୦ ସମସ୍ତ ଉପସ୍ଥିତ, ମୁରଲୀଧର ହାଇସ୍କୁଲ ଧୂଷୁରୀରେ ୧୬୫ ମଧ୍ୟରୁ ୩ ଅନୁପସ୍ଥିତ, ନଦୀଗାଁ ହାଇସ୍କୁଲ ନଦୀଗାଁରେ ୧୩୬ ମଧ୍ୟରୁ ୨ ଅନୁପସ୍ଥିତ, ପିବି ହାଇସ୍କୁଲ ଭଗବାନପୁରରେ ୧୪୧ ମଧ୍ୟରୁ ୩ ଅନୁପସ୍ଥିତ,ସøକତ ଅଲ୍ଲୀ ହାଇସ୍କୁଲ ଦୋବଲରେ ୧୪୩ ମଧ୍ୟରୁ ୧ ଅନୁପସ୍ଥିତ, ଷେଣ୍ଢପୁର ହାଇସ୍କୁଲରେ ସମସ୍ତ ୧୩୨ ଉପସ୍ଥିତ, ଉତ୍କଳମଣି ଉଚ୍ଚ ବିଦ୍ୟାପୀଠ ବନ୍ଧଟିଆର ୧୩୩ ମଧ୍ୟରୁ ୧ଜଣେ ଅନୁପସ୍ଥିତ ଏବଂ ସହିଦ ନଗର ହାଇସ୍କୁଲ ସହିଦନଗର କେନ୍ଦ୍ରରେ ୧୫୪ ମଧ୍ୟରୁ ୧ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି ।

### ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

## ମେଧାବୀ ଛାତ୍ରୀଙ୍କ ନିମନ୍ତେ ଅଭିନନ୍ଦନ କାର୍ଯ୍ୟକ୍ରମ

ଭଦ୍ରକ,୨୦ ।୨(ସମିସ)

ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଭଦ୍ରକ ଆନୁକୂଲ୍ୟରେ ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନ୍ତର୍ଗତ ମେଧାବୀ ଛାତ୍ରୀମାନଙ୍କ ନିମନ୍ତେ ଏକ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ୭ ଗୋଟି ବ୍ଲକ ଯଥା-ବାସୁଦେବପୁର, ବନ୍ତ, ଭଣ୍ଡାରୀପୋଖରୀ, ଚାନ୍ଦବାଲି, ଭଦ୍ରକ, ଧାମନଗର ଓ ତିହିଡ଼ିରୁ ୨୦୨୨-୨୩ ଶିକ୍ଷାବର୍ଷର ମାଟ୍ରିକ ପରୀକ୍ଷାରେ ବ୍ଲକସ୍ତରରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ୫ଜଣ ମେଧାବୀ ଛାତ୍ରୀଙ୍କୁ ନେଇ ମୋଟ ୩୫ ଜଣ ମେଧାବୀ ଛାତ୍ରୀଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମ ଅଧିନରେ ସମ୍ବର୍ଦ୍ଧନା ଦିଆଯିବା ସହିତ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ



ଡ.ଦେବରାଜ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଦ୍ୟୁମ୍ନ ରାୟ ଶିଶୁ ମଂଗଳ ସମିତିର ସଦସ୍ୟା ଭାରତୀ ଦାଶ, ଡିପିସି କାର୍ଯ୍ୟକାଳର ଶିକ୍ଷା ସଞ୍ଚାଳିକା ଇପ୍‌ସିତା ଜେନା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗଦାନ କରି ନାରୀମାନଙ୍କର ଶିକ୍ଷାର ଉନ୍ନତି, ସରକାରୀ ପଦବୀରେ ନାରୀମାନଙ୍କର ଭୂମିକା, ଆର୍ଥିକ ସ୍ୱାବଲମ୍ବୀ ହେବା, ଲିଙ୍ଗଗତ ଭେଦଭାବ ଦୂରୀକରଣ ଓ ସମାଜରେ ନାରୀମାନଙ୍କର ଉଚ୍ଚତର ଭୂମିକା ଆଦି ବିଷୟରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁଷ୍ଠାନିକ ଅଧିକାରୀ ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀଙ୍କର ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଭିଭାବକମାନେ ମଧ୍ୟ ଯୋଗଦାନ କରି ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସ୍ୱାଗତିକା ବାରିକ, ଦମୟନ୍ତି ଦାଶ, ସୁବ୍ରତ ଦାଶ, ମହେଶ୍ୱର ଦାଶ, ଧୀରଜ ବାରିକ୍, ସୁଦର୍ଶନ ବାଦ୍ରା, ଚିନ୍ମୟ ପଣ୍ଡା ଓ ଶିଶୁ ଯତ୍ନ ଅନୁଷ୍ଠାନର ଭାଗ୍ୟଶ୍ରୀ ମହାକୁଡ଼, କାଦମ୍ବିନି ଯେନା, ପ୍ରତିମା ବଳ, ସସ୍ମିତା ବାରିକ୍, ରିଆଜ ଅହମଦ୍ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଏଥିସହିତ ଶାନ୍ତି ଆଶ୍ରମ, ମାନବ ସେବା କନ୍ୟା ଆଶ୍ରମ ଓ ଆସିଆନା ମୁକ୍ତାଶ୍ରୟର ଛାତ୍ରୀମାନେ ଯୋଗାଦନ କରି ଉତ୍ସାହ ପ୍ରଦାନ କରିଥିଲେ ।

ସିଟି ମଣ୍ଟେସୋରି
ସିଦ୍ଧାର୍ଥ ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ଗଞ୍ଜାମ
ନାମଲେଖା ବିଜ୍ଞାପନ (୨୦୨୪-୨୫)
ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ୨୦୦୯ ଶିକ୍ଷା ଆଇନ ତଥା ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୧ମ ଶ୍ରେଣୀରେ ପ୍ରବେଶ ନିମନ୍ତେ RTE Act (ସେକ୍ସନ ପି-୯ ଆଇସି) ଅନୁଯାୟୀ ୨୫% ସ୍ଥାନ ବିନା ଶୁଳ୍କ ଏସ୍‌ସି, ଏସ୍‌ଟି, ଏସିବିସି, ସିଡବ୍ଲୁଏସ୍‌ଏନ, ବିପିଏଲ (ଅନୁସୂଚିତ ଜାତି / ଅନୁସୂଚିତ ଉପଜାତି / ସାମାଜିକ ଅନଗ୍ରସର / ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗ ଏବଂ ଆର୍ଥିକ ଦୁର୍ବଳ ଶ୍ରେଣୀର) ଶିଶୁମାନେ ହିଁ ଯୋଗ୍ୟ ବିବେଚିତ ହୋଇପାରିବେ । ଏହି ବର୍ଗର ଶିଶୁମାନେ ତା.୨୨.୦୨.୨୦୨୪ରିଖ ଠାରୁ ତା.୨୦.୦୩.୨୦୨୪ରିଖ ପର୍ଯ୍ୟନ୍ତ (୧ମ ପର୍ଯ୍ୟାୟ) ଓ ତା.୧୦.୦୪.୨୦୨୪ରିଖ ଠାରୁ ତା.୨୪.୦୪.୨୦୨୪ରିଖ (୨ୟ ପର୍ଯ୍ୟାୟ) ଓ ଓଡ଼ିଶା ସରକାରଙ୍କ www.rteparadarshi.odisha.gov.in website ମାଧ୍ୟମରେ ଆବେଦନ କରିପାରିବେ ।
ସା/- ପ୍ରଧାନଆଚାର୍ଯ୍ୟା

ANIMESH FOOD PRODUCTS
ANIMESH INDIAN SNACKS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

# ରାଜପଥରୁ ଛଡ଼ାଇନେଲେ ମୋବାଇଲ

## ■ ହଜିଯାଇଛି ଅଭିଯୋଗ କରିବାକୁ ପୁଲିସର ପରାମର୍ଶ

**ଭଣ୍ଡାରିପୋଖରୀ, ୨୦।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀ ଦମକଳ କେନ୍ଦ୍ର ନିକଟରୁ ଜଣେ ବାଇକ୍ ଆରୋହୀଙ୍କ ପକେଟରୁ ଲୁଟେରାମାନେ ଆଜି ମୋବାଇଲ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ରହଣିଆ ଗ୍ରାମର କରୁଣାକର ତରାଇ ବାଇକ ଯୋଗେ ଭଦ୍ରକ ଯାଉଥିବା ବେଳେ ମଧ୍ୟାହ୍ନରେ ପଛରୁ ଫଲୋକରି ଆସୁଥିବା ୨ଜଣ ନମ୍ବର ବିହୀନ ବାଇକ ଆରୋହୀ ସମ୍ପୃକ୍ତ ସ୍ଥାନରେ କରୁଣାକରଙ୍କ ସାର୍ଟର ସମ୍ମୁଖ ପକେଟରେ ଥିବା ମୋବାଇଲକୁ ଛଡାଇନେଇ ଦ୍ରୁତ ଗତିରେ ଭଦ୍ରକ ଆଡକୁ ପଳାଇଥିଲେ। କରୁଣାକର ଭଣ୍ଡାରିପୋଖରୀ ଥାନାକୁ ଯାଇ ଲୁଟ ସମ୍ପର୍କରେ ଜଣାଇଥିଲେ। ଥାନା ସବ-ଇନିସପେକ୍ଟର ବୈଦ୍ୟନାଥ ସୋରେନ ମୋବାଇଲର କାଗଜପତ୍ର ଦେବାକୁ କହିବା ସହ ଏ ସମ୍ପର୍କରେ ସତ୍ୟପାଠ ଦେବାକୁ କହିଥିଲେ। ଅନ୍ୟନୋପାୟ ହୋଇ କରୁଣାକର ସତ୍ୟପାଠ ପ୍ରସ୍ତୁତ କରି ଝିଅ ନାମରେ ଥିବା ରେଡମି ମୋବାଇଲ କାଗଜପତ୍ର ଆଣି ଅଭିଯୋଗ ଦାଖଲ କରିଥିଲେ। ଥାନାର ଜଣେ ମହିଳା ପୁଲିସ କର୍ମଚାରୀ ଅଭିଯୋଗ ବଦଳାଇବାକୁ ସାର କହିଯାଇଛନ୍ତି ବୋଲି ଜଣାଇବା ସହ ରହଣିଆ-ଭଣ୍ଡାରିପୋଖରୀ ରାସ୍ତାରେ ମୋବାଇଲ ହଜିଯାଇଛି ବୋଲି ଲେଖି ଅଭିଯୋଗ କରିବାକୁ ସାର କହିଛନ୍ତି ବୋଲି କହିଥିଲେ। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ଏ ସମ୍ପର୍କରେ ମାମଲା ରଜୁ ହୋଇ ନଥିବା ଜଣାଯାଇଛି। ସତ୍ୟପାଠ ଅନାବଶ୍ୟକ ଓ ଏଭଳି କହିଥିବା କର୍ମଚାରୀଙ୍କ ବିରୋଧରେ ତଦନ୍ତ ହେବ ବୋଲି ଏସଡିପିଓ ତ୍ରିଲୋଚନ ସେଠୀ ମତରଖିଛନ୍ତି।

## ସିକିମ୍ ଚାଷୀ ହେଲେ ଜମିର ମାଲିକ

# ସ୍ଥିତିବାନ୍ ପଟ୍ଟା ପାଇଲେ ୨୫୧ଜଣ ଚାଷୀ

**ଭଦ୍ରକ, ୨୦।୨(ସମିସ)**

ଦୀର୍ଘ ଦିନ ଧରି ନିଜ ଜମିର ମାଲିକ ହୋଇପାରୁନଥିବା ସିକିମ୍ ପଟ୍ଟାଧାରୀଙ୍କୁ ମିଳିଛି ଜମିର ମାଲିକାନା ସ୍ୱତ୍ୱ। ସିକିମ୍‌ରୁ ସ୍ଥିତିବାନ୍ ପଟ୍ଟା ପାଇଛନ୍ତି ଏହି ଜମିମାଲିକ। ସ୍ୱତ୍ୱ ସ୍ଥିତିବାନ୍‌ଧାରୀ ସିକିମ୍ ଚାଷୀମାନଙ୍କୁ ପଟ୍ଟା ବଣ୍ଟନ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ କରାଯିବା ଅବସରରେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ.ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ୍, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲ୍ଲା



ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ସିକିମ୍ ରୟତ ଚାନ୍ଦବାଲିର ସୋମନାଥ ନାୟକ ଏବଂ ଭଦ୍ରକର ଗୌରୀ ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ମଞ୍ଚରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ସମୁଦାୟ ୭ ଜଣ ସିକିମ୍ ରୟତଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଭଦ୍ରକ, ଚାନ୍ଦବାଲି ବ୍ୟତୀତ ଧାମନଗର ଓ ବାସୁଦେବପୁରରୁ ୨ ଜଣ ଲେଖାଏଁ ଓ ଭଣ୍ଡାରିପୋଖରୀ ଜଣେ ରୟତ ଥିଲେ।

ସୂଚନା ଯୋଗ୍ୟକି ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାରେ ୨୫୧ ଜଣ ସିକିମ୍ ଚାଷୀଙ୍କୁ ସ୍ଥିତିବାନ୍ ପଟ୍ଟା ବଣ୍ଟନ କରାଯିବ। ଏଥିପାଇଁ ସମୁଦାୟ ୪, ୫୨୬ ଜଣ ସିକିମ୍ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କର କାଗଜାଦି ତନଖି ପରେ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ସୂଚନା ଯୋଗ୍ୟକି ଏହି ପଟ୍ଟା ବଳରେ ସିକିମ୍ ଚାଷୀମାନେ ନିଜ ସ୍ୱତ୍ୱ ଜମିର ମାଲିକ ହେବା ସହିତ ବଂଶାନୁକ୍ରମିକ ମାଲିକାନା ସ୍ୱତ୍ୱ ଓ ହସ୍ତାନ୍ତର ଯୋଗ୍ୟ ମାଲିକାନା ପାଇବେ। ସିକିମ୍ ଖାତାଧାରୀଙ୍କୁ ଏହି ଯୋଜନାରେ ସ୍ଥିତିବାନ୍ ପଟ୍ଟା ପ୍ରଦାନ କରାଯାଇ ଦୀର୍ଘଦିନରୁ ଥିବା ସିକିମ୍ ସ୍ୱତ୍ୱ ସମସ୍ୟାର ସ୍ଥାୟୀ ସମାଧାନ କରାଯାଇଛି। ଫଳରେ ଚାଷୀମାନେ ସିକିମ୍ ସମସ୍ୟାରୁ ମୁକ୍ତ ହୋଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ସୂଚାରୁ କୁମାର ବଳ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଜିଜିଇଏମ୍ ବିଜୟାନନ୍ଦ କର, ବୈଷୟିକ ପରିଚାଳନା ଦାୟିତ୍ୱ ବୁଝିଥିଲେ। ଜିଲ୍ଲାର ସମସ୍ତ ବ୍ଲକରୁ ସିକିମ୍ ଚାଷୀମାନେ ବହୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଜିଲ୍ଲାସ୍ତରୀୟ ମିନି ନିଯୁକ୍ତିମେଳା

**ଭଦ୍ରକ, ୨୦।୨(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭଦ୍ରକ ଜିଲ୍ଲାସ୍ତରୀୟ ୨ୟ ଦିନିକିଆ କ୍ଷୁଦ୍ର ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରିଣୀ ଅନୀତା ନାୟକଙ୍କ ସଂଯୋଜନାରେ ଏହି ମେଳା ଆୟୋଜିତ ହୋଇଥିଲା। ପୂର୍ବରୁ ଗତ ଜାନୁୟାରୀ ୧୯ ତାରିଖରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରଥମ ମିନି ନିଯୁକ୍ତି ମେଳାରୁ ବଞ୍ଚିତ ଥିବା ସମସ୍ତ ନିଯୁକ୍ତି ଆଶାୟୀମାନେ



ଏହି ମେଳାର ସୁଯୋଗ ନେଇ ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଯୁବ ବେକାରୀମାନେ ଏହି ମେଳାରେ ଅଂଶଗ୍ରହଣ କରିଥିବା ନିଯୁକ୍ତିଦାତାମାନଙ୍କ ଦ୍ୱାରା ପ୍ରଦତ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ବୁଝି ପୂର୍ଣ୍ଣମାତ୍ରାରେ ତାର ସଦୁପଯୋଗ କରିବାକୁ ମଧ୍ୟ ସେ ପରାମର୍ଶ ପ୍ରଦାନ କରିଛନ୍ତି। ସୂଚନା ଯୋଗ୍ୟକି ଏହି ମେଳାରେ ସମୁଦାୟ ୧୬ଟି କମ୍ପାନୀ ନିଯୁକ୍ତିଦାତା ଭାବେ ଯୋଗଦେଇ ନିଜ ନିଜ ଷ୍ଟଲ ଜରିଆରେ ପିଲାମାନଙ୍କୁ ସମ୍ପୃକ୍ତ କମ୍ପାନୀର ସୁବିଧା ସୁଯୋଗ ଚାକିରି ସମ୍ବନ୍ଧରେ ବୁଝାଇଥିଲେ। ସମୁଦାୟ ୩୪୦ସଂଖ୍ୟକ ନିଯୁକ୍ତି ଆଶାୟୀ ଏହି ମେଳା ଜରିଆରେ ନିଯୁକ୍ତି ପାଇବା ଆଶାରେ ନାମ ପଞ୍ଜିକରଣ କରିଥିଲେ। ସେମାନଙ୍କ ମଧ୍ୟରେ ୧୧୪ ନିଯୁକ୍ତି ଆଶାୟୀ ପ୍ରାର୍ଥୀଙ୍କୁ ସମ୍ପୃକ୍ତ କମ୍ପାନୀମାନଙ୍କ ଜରିଆରେ ସୁବିଧାପ୍ରଦାନ ପାଇଁ ତାଲିକାଭୁକ୍ତ କରାଯାଇଛି ଏବଂ ୨୧ ଜଣ ତାଲିମ୍ ଗ୍ରହଣ ପାଇଁ ନାମ ପଞ୍ଜିକୃତ କରିଛନ୍ତି। ୩ଟି ତାଲିମ୍ ପ୍ରଦାନକାରୀ ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଭାଗର ଦକ୍ଷତା ବିକାଶ-ତଥା-ନିୟୋଜନ ଅଧିକାରୀ ଗାୟତ୍ରୀ ବେହେରା ଓ କନିଷ୍ଠ ସହକାରୀ ବିଭୂତିଭୂଷଣ ପାଣିଗ୍ରାହୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ଜୀବିକା ସହାୟତା ରାଶି ପ୍ରଦାନର ଶୁଭାରମ୍ଭ

# ଖାଦ୍ୟ ସୁରକ୍ଷା ହିତାଧିକାରୀ ପାଇଲେ ହଜାରେ ଟଙ୍କା

**ଭଦ୍ରକ, ୨୦।୨(ସମିସ):** ଖାଦ୍ୟ ସୁରକ୍ଷା ହିତାଧିକାରୀ ପରିବାରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପରିବାର ପିଛା ୧ ହଜାର ଟଙ୍କା ଜୀବିକା ସହାୟତା ରାଶି ପ୍ରଦାନର ଶୁଭ ଶୁଭାରମ୍ଭ ଅବସରରେ ଭଦ୍ରକ ଜିଲ୍ଲାସ୍ତରୀୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ ଏରେଇଁ ଗ୍ରାମପଞ୍ଚାୟତ

- ଭଦ୍ରକ ଜିଲ୍ଲାରେ ପାଇବେ ୩ଲକ୍ଷ ୨୬ ହଜାର ୧୪ ପରିବାର
- ଖର୍ଚ୍ଚ ହେବ ୩୦କୋଟି ୬୦ଲକ୍ଷ ୧୪ ହଜାର ଟଙ୍କା






ସ୍ଥିତ ଧଳସାହିରେ ଥିବା ମା' ତାରିଣୀ ସ୍ୱୟଂ ସହାୟିକାଙ୍କ ଦ୍ୱାରା ପରିଚାଳିତ ବଣ୍ଟନ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପୃକ୍ତ ହିତାଧିକାରୀମାନଙ୍କୁ ଏକହଜାର ଟଙ୍କା ଲେଖାଏଁ ବଣ୍ଟନ କରିବା ସହିତ ରାଜ୍ୟ ସରକାରଙ୍କ ଦ୍ୱାରା ଭଦ୍ରକ ଜିଲ୍ଲାର ସ୍ୱାସ୍ଥ୍ୟ, କ୍ରୀଡ଼ା, ଶିକ୍ଷା, ରାସ୍ତାଘାଟ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ଘଟାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯୋଜନା ଓ ଅନୁଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଜିଲ୍ଲା ପରିଷଦ ସଦସ୍ୟା ପୂର୍ଣ୍ଣଶଶୀ ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଉର୍ମିଳା ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ ଏହି କାର୍ଯ୍ୟକ୍ରମ ଜରିଆରେ ପରିବାର ପିଛା ଏକହଜାର ଟଙ୍କା ପ୍ରଦାନ ଯୋଜନାର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ମଞ୍ଚ ପରିଚାଳନା କରିବା ସହିତ ଏହି ଯୋଜନାର ଭଦ୍ରକ ଜିଲ୍ଲାରେ କାର୍ଯ୍ୟକାରିତା ନେଇ ସୂଚନା ପ୍ରଦାନ କରିଥିଲେ। ଉକ୍ତ ସୂଚନା ଅନୁଯାୟୀ ଭଦ୍ରକ ଜିଲ୍ଲାର ୩ଲକ୍ଷ ୨୬ ହଜାର ୧୪ ରେସନ୍‌କାର୍ଡ଼ଧାରୀ ପରିବାରକୁ ଏହି ଅର୍ଥ ପ୍ରଦାନ କରାଯିବ। ୪୬୯ଟି ରେସନ ସାମଗ୍ରୀ ବଣ୍ଟନ କେନ୍ଦ୍ର ଜରିଆରେ ଏହି ଅର୍ଥ ବଣ୍ଟନ ପାଇଁ ବ୍ୟବସ୍ଥା କରାଯାଇଛି। ଫେବୃଆରୀ ୨୦ରୁ ଆରମ୍ଭ ହୋଇଥିବା ଏହି ବଣ୍ଟନ କାର୍ଯ୍ୟକ୍ରମ ଫେବୃଆରୀ ୨୯ ତାରିଖ ମଧ୍ୟରେ ଶେଷହେବ। ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହକାରୀ ଯୋଗାଣ ଅଧିକାରୀ ଶରତ ଚନ୍ଦ୍ର ବେହେରା, ମହିଳା ମହାସଂଘର ସଭାପତି ତଥା ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା କଳ୍ପଲତା ଦାସ, ବରିଷ୍ଠ ନାଗରିକ ସୂର୍ଯ୍ୟମଣି ନାଥ ଆନୁସଙ୍ଗିକ ସହଯୋଗ କରିଥିଲେ। ପ୍ରାକ୍ତନ ସରପଞ୍ଚ ରତ୍ନାକର ସାମଲ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ। ୫ନମ୍ବର ୱାର୍ଡର କାଉନ୍‌ସିଲର ଦିଲ୍ଲୀପ ନାୟକ ଓ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ନୂତନ ଭାରପ୍ରାପ୍ତ ଅଧିକାରୀ ଯୋଗଦେଲେ

**ଚାନ୍ଦବାଲି, ୨୦।୨(ସମିସ):** ଚାନ୍ଦବାଲି ପୁଲିସ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଆଜି ପୂର୍ବାହ୍ନରେ ଯୋଗଦାନ କରିଛନ୍ତି। ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଦେବୀଶଙ୍କର ପ୍ରତାପଙ୍କ ବଦଳି



ପରେ ତାଙ୍କ ସ୍ଥାନରେ ଯୋଗଦାନ କରିଛନ୍ତି ଶ୍ରୀ ମଲ୍ଲିକ। ଏହି ଉପଖଣ୍ଡ ଅଧୀନରେ ୬ ଟି ଥାନା ସହ ୩ ଟି ଫାଣ୍ଡି ରହିଛି। ଚାନ୍ଦବାଲିରେ ପ୍ରମୁଖ ଚୋରା କୋଇଲା କାରବାର ସମେତ ରାଜନୈତିକ ହିଂସା ଓ ଗୋଷ୍ଠି ସଂଘର୍ଷକୁ ମୁକାବିଲା କରିବା ସହ ସଠିକ ପଦକ୍ଷେପ ଗ୍ରହଣ କରିବେ ବୋଲି ଚାନ୍ଦବାଲି ବାସୀ ଆଶାବାଦୀ ହୋଇଛନ୍ତି। ପୂର୍ବରୁ ଶ୍ରୀ ମଲ୍ଲିକ କେନ୍ଦ୍ରପଡ଼ା ଓ ଭୁବନେଶ୍ୱର ଆଦି ସ୍ଥାନରେ କାର୍ଯ୍ୟକ କରିଥିବା ବେଳେ ଚାନ୍ଦବାଲିରେ ଭାଇଚାରା ବଜାୟ ରଖିବା ଦିଗରେ ସହାୟକ ହେବେ ବୋଲି ସ୍ଥାନୀୟବାସୀ ଆସ୍ଥା ପ୍ରକଟ କରିଛନ୍ତି।

# 'ଆମ ସଭ୍ୟତା, ଆମ ଖେଳନା' କର୍ମଶାଳା

**ଆଗରପଡ଼ା, ୨୦।୨(ସମିସ):** ବନ୍ତ ବ୍ଲକ ଚାଇଁପୁର ସାଧନାକେନ୍ଦ୍ର ପକ୍ଷରୁ ବସନ୍ତିଆ ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ 'ଆମ ସଭ୍ୟତା ଆମ ଖେଳନା' ସମ୍ପର୍କୀୟ କର୍ମଶାଳା ସିଆରସିସି ସୁଧିର କୁମାର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା ଏହାକୁ ସ୍ଥାନୀୟ ସରପଞ୍ଚ ଅଶୋକ ସାହୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟିଣା ଟୋଲର ପ୍ରଧାନ ଶିକ୍ଷକ ହରେକୃଷ୍ଣ ପାଣିଗ୍ରାହୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମାକାନ୍ତ ଜେନା, ଶିକ୍ଷକ ସୁଭେନ୍ଦୁ ବିଶ୍ୱାଳ, ଅଜୟ ରାଉତରାୟ, ବ୍ରହ୍ମାନନ୍ଦ ଜେନା, ଶିକ୍ଷୟିତ୍ରୀ ସୁଜାତା ଜେନା, ରଶ୍ମୀରେଖା ଶୁଆର, ଜୟନ୍ତୀ ଗିରି ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଏଥିରେ ଉକ୍ତ କ୍ଲଷ୍ଟର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୩୨ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିବା ବେଳେ ରିସର୍ଚ୍ଚ ପର୍ସନ ଭାବେ ଦେବାଶିଷ ମହାରଣା, କ୍ଷୀରୋଦ ଚକ୍ରବର୍ତ୍ତି, ରବୀନ୍ଦ୍ର ଜେନା, ରମେଶ ଜେନା, ପଦ୍ମଲୋଚନ ସାହୁ ପ୍ରମୁଖ ବିଭିନ୍ନ କଳାକୃତି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀ ଛବିଘର ସଂଗଠନ ଦ୍ୱାରା ସମ୍ମାନିତ

**ଭଦ୍ରକ, ୨୦।୨(ସମିସ):** ଭଦ୍ରକ ସହରର ବଙ୍କସାହି ସ୍ଥିତ କଳା ପ୍ରତିଷ୍ଠାନ ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀ ଭୁବନେଶ୍ୱରର ଛବିଘର ଅନୁଷ୍ଠାନ ଦ୍ୱାରା ଆୟୋଜିତ ଜାତୀୟସ୍ତରର କଳା ପ୍ରଦର୍ଶନୀରେ ନିଜ ଦ୍ୱାରା ଆଙ୍କିଥିବା ଚିତ୍ରକଳା ପ୍ରଦର୍ଶନ କରିଥିଲେ। ଛବିଘର ଅନୁଷ୍ଠାନ ଶିଶୁ ଚିତ୍ରଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରିଥିଲେଫ ଭଦ୍ରକର ଅନ୍ୟତମ କଳା ପ୍ରଶିକ୍ଷଣ ଅନୁଷ୍ଠାନ ବୃନ୍ଦାବନ କଳାକେନ୍ଦ୍ରର ଛାତ୍ରଛାତ୍ରୀମାନେ ବହୁ ପରିଶ୍ରମ କରି ସୁନ୍ଦର ସୁନ୍ଦର ଚିତ୍ରକଳା ଅଙ୍କନ କରି ଉକ୍ତ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ। ପ୍ରଦର୍ଶନୀ ଶେଷରେ ଭାଗ ନେଇଥିବା ସମସ୍ତ ଶିଶୁ କଳାକାରମାନଙ୍କୁ ଅନୁଷ୍ଠାନ ତରଫରୁ ପ୍ରମାଣ ପତ୍ର ଓ ମେଡ଼ାଲ ଦିଆଯାଇ ସମ୍ମାନୀତ କରାଯାଇଥିଲା। କଳାକେନ୍ଦ୍ରର ଛାତ୍ର ଶୁଭମ୍ ସାମନ୍ତ, ସତ୍ୟ ମହାଲିକ୍,



ପିୟୁଷ ସାହୁ, ବିନିତ୍ ନାୟକ, ସୌରଭ ମାଝୀ, ସ୍ୱୟଂପ୍ରକାଶ ସାହୁ, ଛାତ୍ରୀ ସ୍ମୃତିରେଖା ପଣ୍ଡା, ରଶ୍ମିତା ପାଣି, ପ୍ରୀତିରେଖା ପଣ୍ଡା ପ୍ରମୁଖ ଉକ୍ତ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କର କଳା ପ୍ରତି ଉତ୍ସାହ ଓ ଅହେତୁକ ଅନୁରାଗ ପାଇଁ କଳାକେନ୍ଦ୍ରର ନିର୍ଦ୍ଦେଶକ ସୌରେଶ ଚନ୍ଦ୍ର ମହାନ୍ତି, କଳା ପ୍ରଶିକ୍ଷକ ବରିଷ୍ଠ ଚିତ୍ରଶିଳ୍ପୀ ବିଭୂତି ସାହୁ, ସଙ୍ଗୀତ ଗୁରୁ ସୁରେନ୍ଦ୍ର ଗାହାଣ ଓ କଳାକେନ୍ଦ୍ରର ଉପଦେଷ୍ଟା ଯୁବ ଅଧ୍ୟାପକ ନିରଞ୍ଜନ ସାମଲ, ନିରାକାର ନାୟକ, ଶଙ୍କର୍ଷଣ ଦାସ, ଶଙ୍କର୍ଷଣ ମହାନ୍ତି ତଥା ସନ୍ତୋଷ ବେହେରା ପ୍ରମୁଖ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଦୁଇ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ତିହିଡି, ୨୦।୨(ସମିସ):** ତିହିଡି ବ୍ଲକ ବାମନବିନ୍ଧା ଓ ହରିସିଂହପୁର ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଉଭୟ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କ ସମୟରେ ଚାନ୍ଦବାଲି ନିର୍ବାଚନ ମଣ୍ଡଳୀରେ ରାସ୍ତା, ନଦୀରେ ପୋଲ, ପାନୀୟ ଜଳ, ବିଦ୍ୟୁତ ଯୋଗାଣ ଆଦି କ୍ଷେତ୍ରରେ ଯୁଗାନ୍ତକାରୀ ଉନ୍ନତି ହୋଇଛି ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ହୋଇପାରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ପ୍ରିନ୍ସ ରାକେଶ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ଚାନ୍ଦବାଲି ନିର୍ବାଚନ ମଣ୍ଡଳୀ ଅଧୀନ ୯ ପଞ୍ଚାୟତର ବିଜେଡି ସଭାପତି ମାନସରଞ୍ଜନ ନାୟକ, ଅମର ଦାସ, ମାନସ ସାହୁ, ବରିଷ୍ଠ ନେତା ହିମାଦ୍ରି ମିଶ୍ର, ଯୁବ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ପଞ୍ଚାୟତ ବିଜେଡି ସଭାପତି ଯଦୁନାଥ ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବାମନବିନ୍ଧା ପଞ୍ଚାୟତ ନିର୍ବାହୀ ଅଧିକାରୀ ଡ. ଅରୁଣକୁମାର ପଣ୍ଡା ଓ ହରିସିଂହପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଶାରଦା ବଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏବିଭିପି ପକ୍ଷରୁ ଛତ୍ରପତି ଶିବାଜୀ ଜୟନ୍ତୀ ପାଳିତ

**ଭଦ୍ରକ, ୨୦।୨(ସମିସ):** ଭଦ୍ରକ ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ଗାନ୍ଧୀ ପଡ଼ିଆ ସ୍ଥିତ ସିତାରାମ କଲ୍ୟାଣ ମଣ୍ଡପ ସଭାଗୃହରେ ଶିବାଜୀ ମହାରାଜଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତର ସହ ସତସଙ୍ଗ ପ୍ରମୁଖ ଗୋବିନ୍ଦ ଚନ୍ଦ୍ର ରାଉତ, ଏବିଭିପି ଓଡ଼ିଶାର ପୂର୍ବତନ ରାଜ୍ୟ ସହ ସମ୍ପାଦକ ଆନନ୍ଦଶଙ୍କର ଦାସ, ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ଜିଲ୍ଲା ସଂଯୋଜକ ଜ୍ୟୋତିପ୍ରକାଶ ସାହୁ ଏବଂ ଭଦ୍ରକ ନଗର ସମ୍ପାଦକ ବିଶ୍ୱନାଥ ଲାହା ମଞ୍ଚରେ ଉପସ୍ଥିତ ରହି ଶିବାଜୀଙ୍କ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଥିବା ବହୁ ବୁଦ୍ଧିଜୀବୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଯୁବ ସମାଜସେବୀ ବିଭୁ ଚନ୍ଦନ ଜେନା, ଯୁବ ସଙ୍ଗଠକ ରଞ୍ଜିତ ମହାପାତ୍ର, ରବି ସାହୁ, ମହିଳା କ୍ରୀଡ଼ାବିତ ରାଜଲକ୍ଷ୍ମୀ ଡାକୁଆ ଶିବାଜୀଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀକୁ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏବିଭିପି ଭଦ୍ରକ ଜିଲ୍ଲା ସହ ସଂଯୋଜକ ଅରବିନ୍ଦ ଷଡଙ୍ଗୀ, ବାଲେଶ୍ୱର ବିଭାଗ ସହ ଛାତ୍ରୀ ପ୍ରମୁଖ ପାର୍ବତୀ ମିଶ୍ର, ବିଭାଗ ରାଷ୍ଟ୍ରୀୟ କଳା ମଞ୍ଚ ସଂଯୋଜିକା ପ୍ରିୟଙ୍କା ଦାଶ, ଧାମନଗର ନଗର ସମ୍ପାଦକ ହିମାଂଶୁ ମହାରଣା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାକେଶ ରାଉତ, ଦୁର୍ଗାଶଙ୍କର ଯେନା, ଭଦ୍ରକ ନଗର ସହ ସମ୍ପାଦକ ରାହୁଲ ଦେବ ସାହୁ, ଓଁକାର ମହାନ୍ତି, ସତ୍ୟପ୍ରକାଶ ମହାନ୍ତି, ତୃପ୍ତି ତନିଶା ଦାସ, ବୈଜୟନ୍ତୀ ଦାସ, ଆକାଶ ପଣ୍ଡା ପ୍ରମୁଖ ଅନୁଷ୍ଠିତ ଆଲୋଚନା ଚକ୍ର ପରିଚାଳନାରେ ସହଯୋଗ କରିଥିଲେ।

# ନାରୀନେତ୍ରୀଙ୍କ ସିଆର୍‌ପିଙ୍କୁ ଧମକ ଅଭିଯୋଗ

**ଚାନ୍ଦବାଲି, ୨୦।୨(ସମିସ):** ଜଣେ ସିଆର୍‌ପିଙ୍କୁ ଖୋଲାଖୋଲି ଧମକ ଦେଇଛନ୍ତି ଜଣେ ମହିଳା ନେତ୍ରୀ ତଥା ମିଶନଶକ୍ତିର ସଭାପତି ଜୋସ୍ନା ଘଡ଼େଇ। ଚାନ୍ଦବାଲି ବ୍ଲକ କାଣ୍ଡଗରିଡ଼ି ପଞ୍ଚୟତରେ ମିଶନଶକ୍ତିରେ କାର୍ଯ୍ୟରତ ସିଆର୍‌ପି ମିତାଞ୍ଜଳି ସାମଲଙ୍କୁ କାଣ୍ଡଗରିଡ଼ି ପଞ୍ଚୟତର ଜଣେ ନାରୀନେତ୍ରୀ ତଥା ମିଶନଶକ୍ତି ସଭାପତି ଜୋସ୍ନା ଘଡ଼େଇ ଗତ ୧୭ ତାରିଖରେ ଫୋନରେ ହତ୍ୟା ଧମକ ସହ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ସେହିଦିନ ତାଙ୍କ ନିର୍ଦ୍ଦେଶରେ ସନ୍ଧ୍ୟା ୭ ଟାରେ ୨ଜଣ ମହିଳା ତାଞ୍ଜଳୀଙ୍କ ଘରେ ପହଞ୍ଚି ସିଆର୍‌ପି ଖାତାପତ୍ର ସହ ଜରୁରି କାଗଜପତ ମାଡ଼ ମାରି ଛଡାଇ ନେଇଥିଲେ। ଏଥିନେଇ ମିତାଞ୍ଜଳି ନ୍ୟାୟ ପାଇଁ ଆଜି ଚାନ୍ଦବାଲି ଥାନାରେ ଦ୍ୱାରସ୍ଥ ହୋଇଥିବା ବେଳେ ଉକ୍ତ ନାରୀ ନେତ୍ରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭଦ୍ରକ, ୨୦।୨(ସମିସ):** ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ରାଜ୍ୟ ସଂଘ ଡାକରାରେ ଭଦ୍ରକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲିଠାରୁ ରାଜସ୍ୱ କ୍ଷେତ୍ର କର୍ମଚାରୀମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରହିଛି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ମୁଖ୍ୟତଃ-ରାଜସ୍ୱ ନୀରିକ୍ଷକ ମଣ୍ଡଳ ପାଇଁ ଗ୍ରୁପ-ଡି ପୋଷ୍ଟ ଗୁଡିକ ପୂରଣ କରିବା ସହ କ୍ୟାଡର ପୁର୍ନଗଠନ ପାଇଁ ଦାବି କରାଯାଇଛି। ସେହିପରି ୯୦ପ୍ରତିଶତ ଆର୍‌ଆଇ ପୋଷ୍ଟ ପଦୋନ୍ନତି ପୋଷ୍ଟ ଭାବେ ସ୍ଥିର କରାଯିବା, ବରିଷ୍ଠତା ଆଧାରରେ ଏକ ସାଧାରଣ ଗ୍ରେଡେସନ ତାଲିକା ପ୍ରସ୍ତୁତ କରିବା ସହ ଓଏଏସ୍‌ରେ ୨୫ପ୍ରତିଶତ ରାଜସ୍ୱ ଅଧିକାରୀଙ୍କ ଲାଗି ସଂରକ୍ଷଣ ରଖିବାକୁ ଦାବି ହୋଇଛି। ଏହି ଦୁଇଦିନିଆ ଆନ୍ଦୋଳନରେ ଭଦ୍ରକ ତହସିଲ ରାଜସ୍ୱ ପରିଦର୍ଶକ ଜ୍ୟୋତିରଞ୍ଜନ ପଣ୍ଡା, ରାଜସ୍ୱ ନୀରିକ୍ଷକ-ଶରତ ମହାନ୍ତି, ଧିରେନ ସିଂ, ମଧୁସ୍ମିତା ସାହୁ, ଜଗନ୍ନାଥ ବେହେରା, ଗଜେନ୍ଦ୍ର ଦା. ଅଭୟ କୁମାର ସାହୁ, ଦେବୀପ୍ରସାଦ ସେଠୀ, ଅଙ୍କିତ ସୋରେନ୍, ଉଷାରାଣୀ ବିଶ୍ୱାଳ, ଅନୁପମା ଦାସ, ସ୍ମୃତିସରିତା ବେହେରା, ସୁଦର୍ଶନ ପତି, କିଶୋର କୁମାର ମଲ୍ଲିକ, ପ୍ରହ୍ଲାଦ ସାମନ୍ତ ଓ ଏଏଆର ଆଇ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜନସାଧାରଣଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ପରିଲକ୍ଷିତ ହୋଇଛି।

**ଆଗରପଡ଼ା:** ଛଅଦଫା ଦାବି ପୂରଣ ନେଇ ବନ୍ତ ତହସିଲ ସମ୍ମୁଖରେ ବସି ରହିଛନ୍ତି ରାଜସ୍ୱ ନିରୀକ୍ଷକମାନେ। ସରକାରଙ୍କ ପକ୍ଷରୁ ଜିଲ୍ଲାସରୀୟ ବିଭିନ୍ନ ବିଭାଗରେ କର୍ମଚାରୀଙ୍କୁ କ୍ୟାଡ଼ର ପୁନଃ ଗଠନ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କ କ୍ୟାଡ଼ର ପୁନଃ ଗଠିତ ହୋଇନାହିଁ। ସେମାନଙ୍କର ଦରମାବୃଦ୍ଧି ସହ ଅନ୍ୟାନ୍ୟ ଦାବିର ପୁରଣକୁ ନେଇ ସୋମବାରଠାରୁ କାର୍ଯ୍ୟବନ୍ଦ କରି ଧାରଣାରେ ବସିଛନ୍ତି। ଫଳରେ ବନ୍ତ ତହସିଲ ଅଧୀନରେ ଥିବା ଛଅ ଗୋଟି ଆର୍‌ଆଇ ଅଫିସରେ ତାଲା ଝୁଲୁଛି। ରାଜସ୍ୱ ସୁପରଭାଇଜର ବ୍ରଜକିଶୋର ଦାସ, ଆର୍‌ଆଇ ସୌଭାଗ୍ୟ ସିଂ, ଦୀପକ କୁମାର ମଲ୍ଲିକ, ସୁବ୍ରତ କୁମାର ମଲ୍ଲିକ, ଗୁରୁବାରୀ ହେମ୍ବ୍ରମ, ସଞ୍ଜୟ ଟୁଡୁ, ସୁମିତ୍ରା ପଣ୍ଡା, ପ୍ରତିମା ଦାସ ପ୍ରମୁଖ ଏହି ଧାରଣାରେ ବସିରହିଛନ୍ତି। ନିଜର ନାର୍ଯ୍ୟ ଦାବି ପୁରଣ ନହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ସେମାନେ ଜଣାଇଛନ୍ତି।

## ଭଦ୍ରକ ଜିଲ୍ଲାରେ ମାଟ୍ରିକ ପରୀକ୍ଷା ଆରମ୍ଭ

# ପରୀକ୍ଷା ଦେଲେ ୨୧୨୪୬, ଆସିଲେନି ୫୨୭

**ଭଦ୍ରକ, ୨୦।୨(ସମିସ):**

ଆଜି ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନରେ ମାତୃଭାଷା ଓଡିଆ ପରୀକ୍ଷା। ତେବେ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାରେ ୪୧୦ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ବେଳେ ଏସଓଏସସି (ମୁକ୍ତ ବିଦ୍ୟାଳୟ)ରେ ୭୦ଜଣ ଓ ମଧ୍ୟମାରେ ୪୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ମୋଟ ୫୨୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଭଦ୍ରକ ଜିଲ୍ଲାର ୧୧୪ଟି କେନ୍ଦ୍ରରେ ଚଳିତ ବର୍ଷ ୨୧ହଜାର ୬୫୬ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମଫିଲପ କରିଥିବା ବେଳେ ୨୧ହଜାର ୨୪୬ଜଣ ପରୀକ୍ଷା ଦେଇଛନ୍ତି। ଏଥିରେ ମଧ୍ୟମାରେ ୨୯୯ ମଧ୍ୟରୁ ୨୫୨ଜଣ ପରୀକ୍ଷାର୍ଥୀ ଆଜି ପରୀକ୍ଷା ଦେଇଛନ୍ତି। ସେହିପରି ଏସଓଏସସି ପରୀକ୍ଷାରେ ୨୨୯ ମଧ୍ୟରୁ ୧୫୯ ଜଣ ପରୀକ୍ଷା ଦେଇଛନ୍ତି। ଏସଓଏସସି ପାଇଁ ଭଣ୍ଡାରିପୋଖରୀରେ ଗୋଟିଏ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ୧୧ଟି ନୋଡାଲ କେନ୍ଦ୍ରରେ ପ୍ରଶ୍ନପତ୍ର ରଖାଯାଇଥିବା ବେଳେ ୩୧୮ ହାଇସ୍କୁଲର



ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଛନ୍ତି। ମାଟ୍ରିକ ପରୀକ୍ଷା କେନ୍ଦ୍ର ଗୁଡିକ ମଧ୍ୟରେ ଭଦ୍ରକ ବ୍ଲକରେ ୧୯ଟି, ବାସୁଦେବପୁରରେ ୨୨ଟି, ଭଣ୍ଡାରିପୋଖରୀରେ ୧୦ଟି, ବନ୍ତରେ ୧୩ଟି, ଚାନ୍ଦବାଲିରେ ୨୦ଟି, ଧାମନଗରରେ ୧୭ଟି ଓ ତିହିଡି ବ୍ଲକରେ ୧୪ଟି କେନ୍ଦ୍ର ରହିଛି।

**ଭଣ୍ଡାରିପୋଖରୀ/ମଞ୍ଜୁରୀରୋଡ:** ଭଣ୍ଡାରିପୋଖରୀ ବ୍ଲକର ୯ଟି ପରୀକ୍ଷା କେନ୍ଦ୍ରରେ ଆଜି ପ୍ରଥମ ଦିନର ମାତୃଭାଷା ପରୀକ୍ଷାରେ ମୋଟ ୩୦ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ପରୀକ୍ଷା ଦେବାକୁ ଥିବା ୧୪୬୨ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ, ରହଣିଆ ହାଇସ୍କୁଲ କେନ୍ଦ୍ରରେ ଜଣେ ପରୀକ୍ଷାର୍ଥୀ, ନପଙ୍ଗ ଚଣ୍ଡିମାତା ହାଇସ୍କୁଲ କେନ୍ଦ୍ରରେ ୨ଜଣ ପରୀକ୍ଷାର୍ଥୀ, ବାରିକପୁର ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୬ ଜଣ ପରୀକ୍ଷାର୍ଥୀ, ସରସଦା ହାଇସ୍କୁଲ କେନ୍ଦ୍ରରେ ୪ ଜଣ ପରୀକ୍ଷାର୍ଥୀ, ବାଲିପୋଖରୀ ଶୁକଦେବଜେନା ହାଇସ୍କୁଲ, ଯଶୋଟିକିରି ସୁବର୍ଣ୍ଣମୁଖି ନୋଡାଲ ହାଇସ୍କୁଲ, ବିଶୋଳ-କୁଲଣା ମୈତ୍ରୀ ହାଇସ୍କୁଲ କେନ୍ଦ୍ରରେ ୫ ଜଣ ପରୀକ୍ଷାର୍ଥୀ ଓ ମଞ୍ଜୁରୀରୋଡ ଗିରିଧାରୀ ପଣ୍ଡା ହାଇସ୍କୁଲ କେନ୍ଦ୍ରରେ ୩ଜଣ ପରୀକ୍ଷାର୍ଥୀ ଆଦି ମୋଟ ୨୨ ଜଣ ଅନୁପସ୍ଥିତ ଥିଲେ। ସେହିପରି ଯଶୋଟିକିରି ସୁବର୍ଣ୍ଣମୁଖୀ ନୋଡାଲ ହାଇସ୍କୁଲ କେନ୍ଦ୍ରରେ ୪୩ ଜଣ ମଧ୍ୟମା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ ବୋଲି ଜଣାଯାଇଛି। ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ଅଭଜରଭର ଉପସ୍ଥିତ ଥିଲେ। ୨ଟି ଭ୍ରାମ୍ୟମାଣ ଦଳ ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ କେନ୍ଦ୍ରରୁ ପ୍ରଶ୍ନପତ୍ର ବିଭିନ୍ନ କେନ୍ଦ୍ରକୁ ନେବା ସହ ଉତ୍ତରଖାତା ଫେରାଇ ଆଣିବାରେ ନିୟୋଜିତ ହୋଇଥିଲେ ବୋଲି ଅଧିକ୍ଷକ ତଥା ଭଣ୍ଡାରିପୋଖରୀ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା ଓ ଉପଅଧିକ୍ଷକ ବିଷ୍ଣୁପ୍ରିୟା ଜେନା ସୂଚନା ଦେଇଛନ୍ତି।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ୨୩ଟି କେନ୍ଦ୍ରରେ ପରୀକ୍ଷା ଦେଲେ ୩୫୦୦ ଛାତ୍ରଛାତ୍ରୀ

- ରେଗୁଲାର, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟର ସମୁଦାୟ ୩, ୬୨୧ ପରୀକ୍ଷାର୍ଥୀ
- ୧୨୧ ଅନୁପସ୍ଥିତ

ଭୋଗରାଇ, ୨୦।୨ (ସମିସ) : ମଙ୍ଗଳବାର ମାତୃଭାଷା ବିଷୟରୁ ଆରମ୍ଭ ହୋଇଛି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ ବୋର୍ଡ ପରୀକ୍ଷା। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଓ ପ୍ରଶାସନ ପକ୍ଷରୁ ପରୀକ୍ଷା ପରିଚାଳନା ପାଇଁ କଡାକଡି ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୭ଟା ୧୫ରେ ପରୀକ୍ଷା କେନ୍ଦ୍ର ମୁଖ୍ୟ ଫାଟକ ଖୋଲାଯାଇଥିଲା ବେଳେ ୭ ଟା ୩୦ରେ ପରୀକ୍ଷାର୍ଥୀ ମାନେ କେନ୍ଦ୍ରକୁ ପ୍ରବେଶ କରିଥିଲେ। ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର, ଓଏମଆର ସିଟ୍ ପହଞ୍ଚିବା ପରେ ସମ୍ପୃକ୍ତ କେନ୍ଦ୍ର ଅବଜରଭର ଏବଂ ଦୁଇ ଜଣ ପରୀକ୍ଷାର୍ଥୀଙ୍କ ଉପସ୍ଥିତିରେ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ପ୍ୟାକେଟ ଖୋଲିଥିଲେ। ସାଢେ ୮ ରେ ପରୀକ୍ଷାର୍ଥୀମାନଙ୍କୁ ଓଏମଆର ସିଟ୍ ବଣ୍ଟନ କରାଯାଇଥିଲା। ୮ ଟା୪୫ ମିନିଟରେ ପ୍ରଶ୍ନପତ୍ର ଦିଆଯାଇଥିଲା। ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ଏହାସହିତ ପରୀକ୍ଷାକୁ କପି ମୁକ୍ତ କରିବା ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ବୋର୍ଡ ପକ୍ଷରୁ ଏଆଇ ସିସିଟିଭି ସର୍ଭେଲାନ୍ସ କ୍ୟାମେରା ସଂଯୋଗ କରାଯାଇଛି। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୨୩ଟି କେନ୍ଦ୍ରରେ ରେଗୁଲାର, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସଓଏସ) ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ସମୁଦାୟ ୩, ୬୨୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୫୦୦ ଜଣ ପରୀକ୍ଷା ଦେଇଛନ୍ତି ଏବଂ ୧୨୧ ଜଣ ଅନୁପସ୍ଥିତ ରହିଛନ୍ତି ବୋଲି ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ସୂଚନା ଦେଇଛନ୍ତି। ଭୋଗରାଇ ବ୍ଲକର ୫୩ଟି ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ରେଗୁଲାର ପରୀକ୍ଷାରେ ୨୧ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୩୫୦୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିଲା ବେଳେ ପ୍ରଥମ ଦିନରେ ସେଥିରୁ ୧୦୪ ଜଣ ଅନୁପସ୍ଥିତ ରହିଛନ୍ତି। ଏହାସହିତ ମଧ୍ୟମା ପରୀକ୍ଷାରେ ୩୫ ଜଣ ଛାତ୍ରଛାତ୍ରୀ ଗୋଟିଏ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିଲାବେଳେ ସେଥିରୁ ୪ ଜଣ ଅନୁପସ୍ଥିତ ରହିଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ (ଏସଓଏସ) ମାଟ୍ରିକ ସାର୍ଟିଫିକେଟ ପରୀକ୍ଷାରେ ଗୋଟିଏ କେନ୍ଦ୍ରରେ ୮୬ ଜଣ ପରୀକ୍ଷା ଦେବାକୁ ଥିଲା ବେଳେ ସେଥିରୁ ୧୩ ଜଣ ଅନୁପସ୍ଥିତ ରହିଛନ୍ତି। ପ୍ରଥମ ଦିବସରେ ଭୋଗରାଇ ବ୍ଲକର ସମସ୍ତ ୨୩ ଟି ପରୀକ୍ଷା କେନ୍ଦ୍ରରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦଇଛନ୍ତି। କମର୍ଦ୍ଦା ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ଥିବା କଟିସାହି ବିସି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୬ ରୁ ୧୨୪ ଜଣ, ମହାଗବ ଲୋକନାଥ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୦ ରୁ ୧୩୧ ଜଣ, ଦାହୁଣଦା ସୁଧାଂଶୁ ଶେଖର ଏକାଡେମୀ ପରୀକ୍ଷା କେନ୍ଦ୍ରରେ ୧୨୩ରୁ ୧୧୬ ଜଣ, କମର୍ଦ୍ଦା ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୭ ରୁ ୧୪୫ ଜଣ, ବାରବାଟିଆ ଜନାର୍ଦ୍ଦନ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୮ରୁ ୧୫୧ ଜଣ, ଦହମୁଣ୍ଡା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୭ରୁ ୧୩୪ ଜଣ, ବାହାର୍ଦ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୬ରୁ ୧୪୨ ଜଣ ରେଗୁଲାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ଭୋଗରାଇ ହେରମ୍ବ ଚନ୍ଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ଥିବା ହରିଦାସପୁର ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୫୨ ରୁ ୨୪୯ ଜଣ, କଖଡା ବିଏମ ଏକାଡେମୀ ପରୀକ୍ଷା କେନ୍ଦ୍ରରେ ୧୩୭ ରୁ ୧୩୭ ଜଣ, ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୪୭ ରୁ ୧୩୯ ଜଣ, ଭୋଗରାଇ ହେରମ୍ବ ଚନ୍ଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୫୧ ରୁ ୧୪୬ ଜଣ, ଜୟରାମପୁର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୭ ରୁ ୨୦୫ ଜଣ, ନାରାୟଣ ମହାନ୍ତି ପଡ଼ିଆ ଆରକେ ଏକାଡେମୀ ପରୀକ୍ଷା କେନ୍ଦ୍ରରେ ୧୩୮ ରୁ ୧୨୦ ଜଣ, ଶଙ୍ଖାରୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୩୮ ରୁ ୧୩୫ ଜଣ, ଶ୍ୟାମାନନ୍ଦୀପୁର ଡିଟିଏଲକେ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୨ ରୁ ୧୫୫ ଜଣ, ଫୁଲବଣି ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୦୨ ରୁ ୧୯୬ ଜଣ, ବର୍ଡ୍ଡନା ରମାନାଥ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୩୧ ରୁ ୨୨୪ ଜଣ, ବାଡସରିଷା ବିଏନ ବିଦ୍ୟାପୀଠ ପରୀକ୍ଷା କେନ୍ଦ୍ରରେ ୧୬୦ ରୁ ୧୫୬ ଜଣ, ବହ୍ଲାରପୁର ଏସଏମ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୪ ରୁ ୧୬୧ ଜଣ, ସୋହରିଆ ବିକେ ଏକାଡେମୀ ପରୀକ୍ଷା କେନ୍ଦ୍ରରେ ୧୮୦ ରୁ ୧୮୦ ଜଣ, କାଳାହି ପିପିଭିଏମ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୫୪ରୁ ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ କମର୍ଦ୍ଦା ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩୫ରୁ ୩୧ ଜଣ ଏବଂ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାରେ ସରସ୍ୱତୀପୁର ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮୬ ରୁ ୭୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ, ତହସିଲଦାର ହିମାଂଶୁ ଶେଖର ଗିରି ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡ଼ା ପୃଥକ ଭାବେ ସମସ୍ତ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଥିଲେ।

## ୯ଟି କେନ୍ଦ୍ରରେ ୧୬୬୪ ମାଟ୍ରିକ ପରୀକ୍ଷାର୍ଥୀ, ୫୭ ଅନୁପସ୍ଥିତ

ସିମୁଳିଆ, ୨୦।୨(ସମିସ): ସିମୁଳିଆ ବ୍ଲକର ଥିବା ୯ଟି ପରୀକ୍ଷା କେନ୍ଦ୍ରରେ ଚଳିତବର୍ଷ୧୬୬୪ଜଣ ମାଟ୍ରିକ ପରୀକ୍ଷାର୍ଥଙ୍କ ମଧ୍ୟରୁ ୫୭ଜଣ ଅନୁପସ୍ଥିତ ଥିବାର ଜଣାଯାଇଛି। ଚଳିତ ବର୍ଷ ସିମୁଳିଆ ବ୍ଲକରେ ମୋଟ ୯ଟି ପରୀକ୍ଷା କେନ୍ଦ୍ରରେ ୧୬୬୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥି ମଧ୍ୟରୁ ନୋଡାଲ ସେଣ୍ଟର ରଘୁନାରାୟଣ ହାଇସ୍କୁଲ ମାର୍କୋଣାରେ ୨୩୪ଜଣ ଓ ମଧ୍ୟମାରେ ୬୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବାବେଳେ ଦାମୋଦର ହାଇସ୍କୁଲ ଜାମୁଝାଡିରେ ୧୪୭ଜଣ, ଭାରତ ସେବାନିଧ ଠମଇତାପୁରରେ୨୭୧ଜଣ, ଉପେନ୍ଦ୍ର ନାଥ ଏକାଡେମୀ କ୍ଷୀରକୋଣା ହାଇସ୍କୁଲରେ ୧୧୧ଜଣ, ବରି ନୋଡାଲ ସ୍କୁଲରେ ୧୩୨ଜଣ, ବାଲିଖଣ୍ଡରେ୨୨୨ଜଣ, ଦଶଭୂଜା ହାଇସ୍କୁଲ କନ୍ହେଇବିନ୍ଧାରେ ୧୫୫ଜଣ, କାଞ୍ଚନକମଳା ହାଇସ୍କୁଲ ରାମକୃଷ୍ଣପୁରରେ ୧୫୭ଜଣ ଏବଂ ମହମ୍ମଦପୁର ହାଇସ୍କୁଲ କେନ୍ଦ୍ରରେ୧୭୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ନିମନ୍ତେ ଧାର୍ଯ୍ୟ କରାଯାଇଥିବାବେଳେ ମାର୍କୋଣା କେନ୍ଦ୍ରରୁ ୨୭ଜଣ, ବରି ହାଇସ୍କୁଲ କେନ୍ଦ୍ରର ୨ଜଣ, ଭାରତ ସେବାନିଧ ଠମଇତାପୁର କେନ୍ଦ୍ରର ୪ଜଣ, ବାଲିଖଣ୍ଡ କେନ୍ଦ୍ରର ୧୬ଜଣ, ଜାମ୍ବୁଝାଡି କେନ୍ଦ୍ରର ୩ଜଣ ରାମକୃଷ୍ଣପୁର କେନ୍ଦ୍ରର ୪ଜଣ ଓ ମହମ୍ମଦପୁର କେନ୍ଦ୍ରର ଜଣେ ମୋଟ୫୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବାର ଜଣାଯାଇଛି।

## ସ୍ୱଚ୍ଛ ପାଖୁଡ଼ା ଦିବସ ପାଳିତ




ଜଳେଶ୍ୱର ବ୍ଲକ, ୨୦।୨ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାର୍ଡ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ସହଯୋଗରେ ସୋମବାର ପୂର୍ବାହ୍ନରେ ସ୍ୱଚ୍ଛ ପାଖୁଡ଼ା ଦିବସ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଡାକ୍ତର ବ୍ରଜ ମୋହନ ପାତ୍ର, ଡାକ୍ତର ସଞ୍ଜିବ କୁମାର ପଣ୍ଡା, ପ୍ରଦ୍ୟୁଶ କୁମାର ଚାନ୍ଦ, ସୁଜୟ କୁମାର ଦାସ, ଜଗନ୍ନାଥ ପାତ୍ର, ଅଳକା ଦାସ, ନମିତା ଦାସ, ପରିମଳ ସେନ୍, ସୁଶାନ୍ତ ଘଡ଼େଇ, ବହୁ ଆଶା କର୍ମୀ ଓ ଜଳେଶ୍ୱର ବ୍ଲକ ଅଧିନସ୍ଥ ବାଘମାରି, ରାୟାଁରାମଚନ୍ଦ୍ରପୁର ର ଯୁବ ସମାଜସେବୀ ସଂଗଠନ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ସ୍ୱଚ୍ଛତା ଦୃଷ୍ଟିରୁ ପ୍ରକାର ପରିଚ୍ଛନ୍ନତା କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ପାରମ୍ପାରିକ ଲୋକ ଗୀତ ପରିବେଷଣ ହୋଇଥିବା ବେଳେ ପାଲା ମାଧ୍ୟମରେ ସଚେତନତା ସୃଷ୍ଟି କରି ଗ୍ରାମ ପରିକ୍ରମା କରା ଯାଇଥିଲା। ଡାକ୍ତରଖାନା ପରିସରରେ ବିଭିନ୍ନ ପ୍ରକାର ଔଷଧ ବୃକ୍ଷ ରୋପଣ କରା ଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା କୁଇଜ୍ ପ୍ରତିଯୋଗିତା ହୋଇ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା।

## ୧୭୭ ନୂତନ ହିତାଧିକାରୀଙ୍କୁ ବର୍ଦ୍ଧିତ ଅର୍ଥରେ ଭତ୍ତା ପ୍ରଦାନ



ଜଳେଶ୍ୱର, ୨୦।୨(ସମିସ): ରାଜ୍ୟ ସରକାରଙ୍କ ମଧୁବାବୁ ଭତ୍ତା ଯୋଜନାରେ ଆଜି ଜଳେଶ୍ୱର ପୌରପାଳିକା ଅଫିସ୍‌ଠାରେ ୧୭୭ ଜଣ ନୂତନ ହିତାଧିକାରୀଙ୍କୁ ବର୍ଦ୍ଧିତ ଅର୍ଥ (୧୦୦୦ ଟଙ୍କା)ରେ ମଧୁବାବୁ ଭତ୍ତା ନଗରପାଳ ପ୍ରତୀପ କୁମାର ପ୍ରଧାନ, ଉପ ନଗରପାଳ ପୁଷ୍ପପ୍ରିୟା କାମିଲା, କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଏବଂ ମଧୁବାବୁ ରାଜ୍ୟ ଭତ୍ତା ଯୋଜନାର ଉପଦେଷ୍ଟା ରଣଜିତ୍ ମହାପାତ୍ରଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ କରକମଳରେ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳର ସମସ୍ତ ୱାର୍ଡର କାଉନସିଲର, ମନ୍ତ୍ରୀଙ୍କ ପ୍ରତିନିଧି ସତ୍ୟରଞ୍ଜନ ଦାସ ମହାପାତ୍ର ଏବଂ ଯୁବନେତା ଆନନ୍ଦ କର ପ୍ରମୁଖ ଉପସ୍ଥିତ ଥିଲେ।

## ବଦଳିଲେ ତହସିଲଦାର

ଜଳେଶ୍ୱର ବ୍ଲକ, ୨୦।୨ (ସମିସ) : ରାଜସ୍ୱ ବିଭାଗ ପକ୍ଷରୁ ଫେବୃଆରୀ ୧୯ ତାରିଖରେ ୨୫ ଜଣ ଓଏଏସ ଅଫିସରଙ୍କ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ ଜଳେଶ୍ୱର ତହସିଲଦାର ସଞ୍ଜୟ କୁମାର ପଣ୍ଡାଙ୍କ ବଦଳି ହୋଇଥିବା ସରକାରୀ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବହୁ ଅଳ୍ପ ଦିନରେ ଶ୍ରୀ ପଣ୍ଡାଙ୍କ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ଅନୁଗୁଳ ଜିଲ୍ଲା ଡେପୁଟି କଲେକ୍ଟର ଜିତେନ୍ଦ୍ର ମୁର୍ମୁ ଜଳେଶ୍ୱର ତହସିଲଦାର ଭାବେ ଅବସ୍ଥାପିତ ହେବା ପାଇଁ ବିଜ୍ଞପ୍ତି ଜାରି ହୋଇଛି। ସେହିଭଳି ଜଳେଶ୍ୱର ତହସିଲଦାର ସଞ୍ଜୟ କୁମାର ପଣ୍ଡା ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକକୁ ବିଡିଓ ଭାବେ ବଦଳି ହୋଇଛି।

## ତହସିଲ ସମ୍ମୁଖରେ ଆରଆଇଙ୍କ ଧାରଣା



ବଳରାମପୁର, ୨୦।୨(ସମିସ): ବାଲିଆପାଳ ତହସିଲରେ କାର୍ଯ୍ୟରତ ରେଭେନ୍ୟୁ ସୁପର ଭାଇଜର, ଆରଆଇ, ଏଆରଆଇ ମାନଙ୍କ ୬ ଦଫା ଦାବି ନେଇ ତହସିଲ ସମ୍ମୁଖରେ ସଂଘ ପକ୍ଷରୁ ଶାନ୍ତିପୂର୍ଣ ଧାରଣା ଦିଆ ଯାଇଛି। ରାଜ୍ୟରେ ସମସ୍ତ ୩୦ ଜିଲ୍ଲାର ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ରାଜ୍ୟର ୩୧୭ ତହସିଲ କାର୍ଯ୍ୟାଳୟ ଆଗରେ ସମସ୍ତ କାର୍ଯ୍ୟ ବନ୍ଦ କରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ବାଲିଆପାଳ ସଂଘ ପକ୍ଷରୁ ସୁପର ଭାଇଜର ଯତୀନ କୁମାର ପାତ୍ର, ସଭାପତି ଜଗନ୍ନାଥ ପାତ୍ର, ସମ୍ପାଦକ କାଳିଚରଣ ମାଝୀ, ଉପ ସଭାପତି ନଟରଞ୍ଜନ ଦତ୍ତ, ସାଧାରଣ ସମ୍ପାଦକ ଲକ୍ଷ୍ମଣ ମୁର୍ମୁ, ଅଜିତ କୁମାର ହେମ୍ବ୍ରମ, ଇନ୍ଦ୍ରଜିତ ସିଂ, ଶୁଭସ୍ମିତା ସାହୁ, ବିଜୟା ଦାସ, ସରୋଜିନୀ ଟୁଡୁ, ଜୟ ଗୋବିନ୍ଦ ମାଝୀ, ସୁରେଶ ଚନ୍ଦ୍ର ସିଂ ପ୍ରମୁଖ ତହସିଲ ସମ୍ମୁଖରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

## ସିକିମ ପଟ୍ଟା ବିତରଣ ମେଳା

ଜଳେଶ୍ୱର ବ୍ଲକ, ୨୦।୨ (ସମିସ) : ରାଜ୍ୟ ସରକାର ସିକିମ ସ୍ୱତ୍ୱଧାରୀ ଚାଷୀଙ୍କ ଦୁଃଖ ବୁଝିଲେ। ରାଜ୍ୟରେ ସିକିମ ସ୍ୱତ୍ୱ ଭାବେ ରେକର୍ଡ ହୋଇଥିବା ଜମିର ଦଖଲକାରୀଙ୍କୁ




ସେହି ଜମି ଉପରେ ସ୍ଥିତିବାନ ସତ୍ତ୍ୱର ପଟ୍ଟା ବଣ୍ଟନ ଏକ ଲୋକାଭିମୁଖୀ ପଦକ୍ଷେପ। ଏଥିପାଇଁ ସିକିମ ସତ୍ୱଧାରୀ ଚାଷୀ ମାନଙ୍କୁ ସ୍ଥିତିବାନ ପଟ୍ଟା ପ୍ରଧାନ ପାଇଁ ଓଡ଼ିଶା ଭୂ-ସଂସ୍କାର ଆଇନ ୧୯୬୦ର ଆବଶ୍ୟକୀୟ ସଂଶୋଧନ କରା ଯାଇଅଛି। ଏହାଦ୍ୱାରା ଓଡ଼ିଶାର ୨ ଲକ୍ଷ ୫୪ ହଜାର ସିକିମ ସତ୍ୱାଧାରୀଙ୍କୁ ସ୍ଥାୟୀ ସ୍ଥିତିବାନ ପଟ୍ଟା ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ବଣ୍ଟନ କରିବେ। ତଦନୁଯାୟୀ ମଙ୍ଗଳବାର ଜଳେଶ୍ୱର ତହସିଲ ଅଧୀନ ୯୯ ଜଣ ସିକିମ ସତ୍ୱଧାରୀ ୨ ଟି ବସ ଯୋଗେ ତହସିଲ ଅଧିକାରୀ ଓ କର୍ମଚାରୀଙ୍କ ସହିତ ବାଲେଶ୍ୱରର ପଦ୍ମାବତୀ ପାର୍କ ଅଭିମୁଖେ ଯାତ୍ରା କରିଥିବା ଜଣା ପଡ଼ିଛି। ସେଠାରେ ସିକିମ ପଟ୍ଟା ବିତରଣ ମେଳାରେ ସେମାନଙ୍କୁ ସ୍ଥିତିବାନ ପଟ୍ଟା ମିଳିବ। ଉକ୍ତ ପଟ୍ଟା ପାଇବା ପରେ ତାଙ୍କ ଦଖଲରେ ଥିବା ଜମି ଉପରେ ସ୍ଥାୟୀ ବଂଶାନୁକ୍ରମେ ଓ ହସ୍ତାନ୍ତର ଯୋଗ୍ୟ ଅଧିକାର ପାଇ ପାରିବେ।

## ବିଦ୍ୟାଳୟରେ ନିମ୍ନମାନର କାମ ଅଭିଯୋଗ



ଖନ୍ତାପଡ଼ା, ୨୦।୨(ସମିସ): ବାହାନଗା ବ୍ଲକ ଅନ୍ତର୍ଗତ ଚକଜଗନ୍ନାଥପୁର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟରେ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ସ୍କୁଲର ରୂପାନ୍ତରଣ କରାଯିବା ଲାଗି ୪୫ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ମାତ୍ର ରୂପାନ୍ତରଣର ମାତ୍ର କିଛି ଦିନ ନପୂରୁଣୁ ଭାଙ୍ଗି ତଳେ ପଡ଼ିଥିବାର ଦେଖିବାକୁ ମିଳିଛି। ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ପାଇଁ ପାଣି ଟ୍ୟାପ ଲାଗିଥିବା ବେଳେ ସେଥିରୁ ପାଣି ବାହାରୁନାହିଁ। ବିଦ୍ୟାଳୟରେ ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ ତାର ସଂଯୋଗ ହୋଇ ଓହଳିଛି। ସମସ୍ୟା ବାବଦରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସାଗରୀକା ମିଶ୍ରଙ୍କୁ ପଚାରିବାରୁ ସେ କହନ୍ତି ଟଙ୍କା ଆମ ଆକାଉଣ୍ଟକୁ ଆସିଥିଲା। କିନ୍ତୁ ଆମେ ବ୍ଲକ ଆକାଉଣ୍ଟ କୁ ପଠାଇ ଦେଇଛୁ ତେଣୁ ଆମର କିଛି କରିବା ନାହିଁ। ବିଭାଗୀୟ ଯନ୍ତ୍ରୀ ପୁଷ୍ପରାଣୀ ସେଠୀ ଙ୍କୁ ପଚରିବାରୁ ସେ କହନ୍ତି ମରାମତି ହେଉରେ ଟଙ୍କା ଅଛି, ତାକୁ ଶୀଘ୍ର ମରାମତି କରିଦେବେ। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ପଚାରିବାରୁ ତଦନ୍ତ କରିବେ ବୋଲି କହିଛନ୍ତି। କିନ୍ତୁ ସାଧାରଣ ରେ ଚର୍ଚ୍ଚା ହେଉଛି ଯେ ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୂତ୍ରରେ ନିମ୍ନମାନର କାର୍ଯ୍ୟ ହୋଇଛି। ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ




ସିମୁଳିଆ, ୨୦।୨(ସମିସ) : ସ୍ଥାନୀୟ ବ୍ଲକ କ୍ଷୀରକୋଣାସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପରିସରରେ ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସ୍କୁଲର ପୂର୍ବତନ ଅଧକ୍ଷ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମିଶ୍ର, ସମ୍ମାନିତ ଅତିଥିଭାବେ ବି.ଆର.ଟି ବିଶ୍ୱମ୍ବର ପଣ୍ଡା ଓ ଅଭିଭାବକ ସଂଘର ସଭାପତି ନିର୍ମଳ ଚନ୍ଦ୍ର ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପୂର୍ଣ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ତାଙ୍କ ବକ୍ତବ୍ୟରେ ମା ମାନଙ୍କ ଶିକ୍ଷା ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ଅବସରରେ ରଘୁନାଥ ପାଣିଗ୍ରାହୀ, ଅନ୍ତର୍ଯ୍ୟାମୀ ପ୍ରଧାନ, ବସନ୍ତ କୁମାର ପ୍ରଧାନ, ମାୟାଧର ସାହୁ ଓ କରୁଣାକର ପାଣିଗ୍ରାହୀଙ୍କୁ ସେହି ମଞ୍ଚରେ କ୍ଷୀରକୋଣାର ସରସ୍ୱତୀ ଏଜୁକେସନାଲ ଏବଂ ଚେରିଟେବୁଲ ଟ୍ରଷ୍ଟ ଦ୍ୱାରା ଆୟୋଜିତରେ ମୁଖ୍ୟଅତିଥି ଶ୍ରୀ ପାଣିଗ୍ରାହୀ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସରସ୍ୱତୀ ଏଜୁକେସନାଲ ଏବଂ ଚେରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ସଞ୍ଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍କୁଲ ପ୍ରିନ୍ସିପାଲ ବିଦ୍ୟୁତପ୍ରଭା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍କୁଲ ପ୍ରିନ୍ସିପାଲ ବିଦ୍ୟୁତପ୍ରଭା ଦାସ ଏବଂ ଭାଇସ ପ୍ରିନ୍ସିପାଲ କୃପାସିନ୍ଧୁ ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା।

## ମଧୁବାବୁ ପେନ୍‌ସନ୍ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ

ନାମ୍ପୋ, ୨୦।୨(ସମିସ): ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ବାଲେଶ୍ୱର ଜିଲ୍ଲାପାଳ, ଜଳେଶ୍ୱର ବିଡ଼ିଓ ଓ ବାଲେଶ୍ୱର ଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି କେତେକ ସମାଜସେବୀ। ସୂଚନାରୁ ଜଣାପଡ଼ିଛି କି ସାମାଜିକ ସୁରକ୍ଷା ଯୋଜନାରେ ୬୦ବର୍ଷରୁ ଉର୍ଦ୍ଧ ବୃଦ୍ଧ, ବୃଦ୍ଧା, ବିଧବା ଓ ଶାରୀରିକ ବିକଳାଙ୍ଗ ମାନଙ୍କୁ ସରକାର ମଧୁବାବୁ ପେନସନ ଯୋଜନାରେ ପ୍ରତ୍ୟେକ ମାସ ଆର୍ଥିକ ସହାୟତା ପ୍ରଦାନ କରିଥାନ୍ତି।

ତେବେ ନିକଟରେ ବ୍ଲକ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ଯୋଗ୍ୟ ହିତାଧିକାରୀ ତାଲିକାରେ ନାମ୍ପୋ ପଞ୍ଚାୟତରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକା ଭୁକ୍ତ ହୋଇଛି। ଯେଉଁ ମାନଙ୍କର ବୟସ ୪୫ -୫୫ ମଧ୍ୟରେ ହେବ ସେମାନଙ୍କୁ ଚଞ୍ଚକତା କରି ୬୦ ବର୍ଷରୁ ଅଧିକ ଦର୍ଶାଇ ତାଲିକା ଭୁକ୍ତ କରାଯାଇଛି। ଫଳରେ ଅନେକ ଯୋଗ୍ୟ ହିତାଧିକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ସେମାନେ ଅଭିଯୋଗ କରିବା ସହିତ କେଉଁ ଆଧାରରେ ସେମାନଙ୍କୁ ଯୋଗ୍ୟ ତାଲିକା ଭୁକ୍ତ କରାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ତେଣୁ ପ୍ରକାଶିତ ତାଲିକାକୁ ସ୍ଥଗିତ ରଖି ଅଯୋଗ୍ୟ ହିତାଧିକାରୀ ଙ୍କ ବୟସ ସଂକ୍ରାନ୍ତୀୟ କାଗଜାତ ଯାଞ୍ଚ କରି ଅଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରୁ ବାଦ କରିବା, ଚଞ୍ଚକତା କାରୀ ଓ ଚଞ୍ଚକତାରେ ସହଯୋଗ କରୁଥିବା ପ୍ରଶାସନିକ ଅଧିକାରୀ ଓ ଦଲାଲ ଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ଦାବି କରି କେତେକ ସମାଜସେବୀ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲେଶ୍ୱର ଜିଲ୍ଲାପାଳ ଓ ଭିଜିଲାନ୍ସ ଏସପି ଙ୍କୁ ବିହିତ ପଦକ୍ଷେପ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମୀ ଦିନରେ ଏକ ବୃହତ ଗଣ ଆନ୍ଦୋଳନ ସଂଗଠିତ ହେବ ବୋଲି ସମାଜସେବୀ ଗୋପାଳ କୃଷ୍ଣ ଜେନା, ଅକ୍ଷୟ କୁମାର ଜେନା, ସତ୍ୟ ଗୋପାଳ ଜେନା, କମଳା କାନ୍ତ ପ୍ରାମାଣିକ ପ୍ରମୁଖ ୫୦ରୁ ଉର୍ଦ୍ଧ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## କନ୍ୟା ନଗରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଚନ୍ଦନେଶ୍ୱର, ୨୦।୨(ସମିସ) : ଶଙ୍ଖାରୀସ୍ଥିତ ମନ୍ମଥ-ମନୋଜ ଐତିହ୍ୟସ୍ଥଳୀ ନିକଟସ୍ଥ କନ୍ୟା ନଗରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବଳ ଚନ୍ଦ୍ର ଚନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶ୍ରଦ୍ଧାପୁର ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ପଞ୍ଚାନନ କୁଣ୍ଡୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଗୌରହରି ମଣ୍ଡଳ, ସୁଶାନ୍ତ ନାୟକ, ୱାର୍ଡ ସଦସ୍ୟ ଦେବେନ୍ଦ୍ର କର, ପରିଚାଳନା କମିଟିର ସଭାପତି ପ୍ରଦୀପ କୁଣ୍ଡୁ, ସଦସ୍ୟ ସୁଧୀର ନାୟକ,



ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୌତମ ନାୟକ, ସୁରେନ୍ଦ୍ର ପ୍ରଧାନ, ସହକାରୀ ଶିକ୍ଷକ ନିଧିରାମ ପାତ୍ର, ପୂର୍ବତନ ଅତିଥି ଶିକ୍ଷକ ହରିଶ ଚନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସୁଚିନ୍ତିତ ଉପଦେଶ ପ୍ରଦାନ କରିଥିଲେ। ହରେକୃଷ୍ଣ ମଣ୍ଡଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସାରଥୀ ମଣି ସିଂ ପ୍ରାରମ୍ଭିକ ସୂଚନା ଓ ବ୍ରଜେନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଚତୁର୍ଭୁଜ ଭଞ୍ଜଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ 'ପିତୃପୂଜା' ଅଭିନୀତ ହୋଇଯାଇଛି। ସମସ୍ତ କାର୍ଯ୍ୟ ପରିଚାଳନାରେ ଶିକ୍ଷକ ବିକ୍ରମ ପ୍ରଧାନ, ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାୟକ ସମେତ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଓ କନ୍ୟା ନଗରୀର ଗ୍ରାମବାସୀମାନେ ସହଯୋଗ କରିଥିଲେ।

# ଜଗତ୍‌ଗୁରୁ ଶ୍ରୀଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ବାଲେଶ୍ୱର, ୨୦।୨(ସମିସ):

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଧର ସ୍ୱାମୀ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରସିଦ୍ଧ ଟୀକାକାର ଶ୍ରୀଧରସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଟୀକାକାରଙ୍କ ଜନ୍ମପୀଠ ମୟୂରଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଫକୀରମୋହନ ବିଶ୍ୱବିଦ୍ୟାଳୟ ସଂସ୍କୃତ, ଭାଷା ଓ ସାହିତ୍ୟ ବିଭାଗ




ମୁଖ୍ୟ ପ୍ରଫେସର ସୁବାସ ଚନ୍ଦ୍ର ଦାଶ, ମୁଖ୍ୟ ବକ୍ତା ଭାବେ ରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା, ବରେଣ୍ୟ ଅତିଥି ଭାବେ ମହାରାଜ ମୁକୁନ୍ଦ ଚୈତନ୍ୟ, ଇସ୍କନ ରେମୁଣା ସଭାପତି ବେଣୁଧର ସାହୁ ପ୍ରମୁଖ ଯୋଗଦେଇ ଶ୍ରୀଧର ସ୍ୱାମୀଙ୍କ ଟୀକାର ଦର୍ଶନ ଓ ତତ୍ତ୍ୱ ଉପରେ ଆଲୋଚନା କରି ଶ୍ରୀଧର ସ୍ୱାମୀଙ୍କ ଲେଖାକୁ ଏକତ୍ର କରି ସଂକଳନ କଲେ ଶ୍ରୀଧର ସ୍ୱାମୀଙ୍କ ଦର୍ଶନ, ଭକ୍ତି, ଆଧ୍ୟାତ୍ମିକ ଦିଗ ଅଧିକ ଉନ୍ମୋଚିତ ହୋଇପାରିବ ବୋଲି ମତ ରଖିଥିଲେ । ସମ୍ପାଦକ ହରେକୃଷ୍ଣ ପଣ୍ଡା ବିବରଣୀ ପାଠ କରିଥିବା ବେଳେ ସଭାପତି ବିଜୟ କୁମାର ମହାକୁଡ଼ ସ୍ୱାଗତ ଅଭିଭାଷଣ ରଖିଥିଲେ । ସ୍ଥାନୀୟ ଗୁରୁକୁଳ ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିବା ବେଳେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଭବାନୀ ଶଙ୍କର ପତି ବେଦ ପାଠ କରିଥିବା ବେଳେ ସୁରେନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ବିଧାନ ଚନ୍ଦ୍ର ରାୟ, ଚାରୁ ଚନ୍ଦ୍ର ପାତ୍ର, ଉତପ୍ରେକ୍ଷା ପତି, ପ୍ରାଚୀ ପ୍ରଭା ପଣ୍ଡା, ଗୌରବ ପାଣିଗ୍ରାହୀ ଓ ଦୟାନିଧି ସଙ୍କୁ ପ୍ରତିଭା ସମ୍ମାନ-୨୦୨୪ ମାନପତ୍ର ଓ ଉତ୍ତରୀୟ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୁଗୋ ପଞ୍ଚାୟତ ସିଆର୍‌ପି ନିଯୁକ୍ତିକୁ ନେଇ ଗେଟ୍‌ରେ ତାଲା

ଜଳେଶ୍ୱର ବ୍ଲକ, ୨୦।୨(ସମିସ): ଜଳେଶ୍ୱର ବ୍ଲକର ସୁଗୋ ପଞ୍ଚାୟତରେ ସିଆର୍‌ପି ଭାବେ ସ୍ୱାଗତିକା ମହାନ୍ତି ନିଯୁକ୍ତିକୁ ପାଇଥିଲେ । କିନ୍ତୁ ଏହି ନିଯୁକ୍ତି ବେଆଇନ୍ ଦର୍ଶାଇ ପଞ୍ଚାୟତର ଜିପିଏଲଏଫ, ସିଆର୍‌ପି ପକ୍ଷରୁ ବିରୋଧ କରାଯିବା ସହ ବିଡିଓ ଓ ବିପିଏମ୍‌ଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲା । କିନ୍ତୁ ଏହାର ସମାଧାନ ହୋଇନଥିବା ବେଳେ ଆଜି ଜିପିଏଲଏଫର ସଭାନେତ୍ରୀ ସୁମତି ଧଳ ଓ ସମ୍ପାଦିକା ପାରୁଲବାଳା ନାୟକ ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ । ସିଆର୍‌ପି ସ୍ୱଗତୀକା ମହାନ୍ତିଙ୍କ ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାଙ୍କୁ ୧ହଜାର ଟଙ୍କା ଲେଖାଏଁ ଦେବାର ବ୍ୟବସ୍ଥା ହୋଇଥିବା ବେଳେ ସେମାନେ ଶ୍ରୀମତୀ ମହାନ୍ତିଙ୍କୁ ନ ନେଇ ବ୍ଲକ କାର୍ଯ୍ୟାଳୟ ଯାଇଥିଲେ । ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ଫେରାଇ ଦେଇଥିବାରୁ ସେମାନେ ଉତ୍‌କ୍ଷିପ୍ତ ହୋଇ ସୁଗୋ ପଞ୍ଚାୟତ ଫାଟକରେ ତାଲା ପକାଇଥିଲେ । ରାତି ୭ଟାରେ ନାମ୍ପୋ ଫାଣ୍ଡି ଅଧିକାରୀ ଫକିର ପ୍ରଧାନ ଓ ବିପିଏ୍ ମଧୁସ୍ମିତା ଦାସ ଆନ୍ଦୋଳନକାରୀଙ୍କ ଠାରୁ କାଗଜପତ୍ର ଗ୍ରହଣ କଲାପରେ ଆନ୍ଦୋଳନ ସ୍ଥଗିତ ହୋଇଥିଲା ।

# ରାଜସ୍ୱ ନିରୀକ୍ଷକଙ୍କ କଲମଛାଡ଼ ଆନ୍ଦୋଳନ



ଚୌକି, ୨୦।୨(ସମିସ) : ଭୋଗରାଇ ତହହସିଲ ସମ୍ମୁଖରେ ଆଜି ଭୋଗରାଇ ରାଜସ୍ୱ ନିରୀକ୍ଷକ ମାନଙ୍କ ପକ୍ଷରୁ ୬ ଦଫା ଦାବିରେ ପୁଣି କଲମ ଛାଡ଼ ଆନ୍ଦୋଳନ ଦୁଇ ଦିନରେ ପହଁଚିଛି । ସୂଚନାଯୋଗ୍ୟ ରାଜସ୍ୱ ନିରୀକ୍ଷକ ରାଜ୍ୟ ସଭାପତି ଜଗବନ୍ଧୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଭୋଗରାଇ ରାଜସ୍ୱ ପରିଦର୍ଶକ ଶରତ କୁମାର ବେହେରାଙ୍କ ନେତୃତ୍ୱରେ ଏହି ତହସିଲ ଅଧିନ ୧୭ଟି ରାଜସ୍ୱ ସର୍କଲ ୨୦ ଜଣ ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ୬ ଦଫା ଦାବିରେ ଆନ୍ଦୋଳନରେ ବସିଛନ୍ତି । ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ହେଲେ ପ୍ରମୋଦ କୃଷ୍ଣ ସୋରେନ, ମନୋଜ ସେଠୀ, ବାସନ୍ତୀ ହେମ୍ବ୍ରମ, ମନୋଜ ମାରାଣ୍ଡି, ଓମ୍ ପ୍ରକାଶ ମାହାନ୍ତ, ପ୍ରଦୀପ ଭଞ୍ଜ, ବିକାଶ ଗିରି, ମୁକ୍ତିକାନ୍ତ ପ୍ରଧାନ, ପ୍ରମୋଦ ରାମ ଲମ୍ବୋଦର ମୁର୍ମୁ, ଅନୁପମ ଦାସ, ମନୋରଞ୍ଜନ ସାହୁ, ଚନ୍ଦ୍ରଶେଖର ସିଂ, ବାବୁଲାଲ ସିଂ, ଗୋପିନାଥ ସିଂ, ତୃଷ୍ଣା ରାଉତ, ପ୍ରମୁଖ ୨୦ ଜଣ ରାଜସ୍ୱ ଅଧିକାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ । ଦାବି ପୂରଣ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରହିବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କଇନଗରୀରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ




ବଳରାମପୁର, ୨୦।୨(ସମିସ) : ବସ୍ତା ବ୍ଲକ ଅନ୍ତର୍ଗତ କଇନଗରୀ ପଞ୍ଚାୟତ ଅଫିସ୍ ସମ୍ମୁଖ ରେ ଆଜି ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା । ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ କାରି ଯୋଜନା ଗୁଡିକର ସଫଳ ରୂପାୟନ ପାଇଁ ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ । ଏହି ସଭାରେ ଯୁବ ନେତା ରାଧାପଙ୍କଜ ମଣ୍ଡଳ ମଞ୍ଚ ଆହ୍ୱାନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ସରପଞ୍ଚ ରାଧା ବଲ୍ଲଭ ମଣ୍ଡଳ ସଭାପତିତ୍ୱ କରିଥିଲେ । ଏଥିରେ ଅତିଥି ଭାବରେ ବିଜୟୀ କୁମାର ଭୂୟାଁ, ବରିଷ୍ଠ ପାଲା ଗାୟକ ପିତାମ୍ବର ଦାସ, ସମିତି ସଭ୍ୟା ଅମିତା ମୈକାପ, ନାଏବ ସରପଞ୍ଚ ଗୀତାରାଣୀ ଶାସମଲ, ମିଶନ ଶକ୍ତି ସଭାପତି କବିତା ଜେନା, ସମାଜ ସେବି ରବୀନ୍ଦ୍ର କୁମାର ମାନ୍ନା ପ୍ରମୁଖ ମଞ୍ଚାସୀନଥିଲେ । ନିତ୍ୟା ନନ୍ଦ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ସଚେତନତା ଶିବିର ରେ ସ୍ଥାନୀୟ ସ୍ୱୟଂସହାୟକ ଗୋଷ୍ଠୀ, ଯୁବ ବର୍ଗ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ବିଶିଷ୍ଟ କଥାକାର ବସନ୍ତ ଶତପଥୀଙ୍କ ଶ୍ରାଦ୍ଧ ଦିବସ

ବାଲେଶ୍ୱର, ୨୦।୨(ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକଲ୍ୟରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ



ପୌରୋହିତ୍ୟରେ ବିଶିଷ୍ଟ କଥାକାର ବସନ୍ତ ଶତପଥୀଙ୍କ ୩୧ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ବିଶିଷ୍ଟ ଗବେଷକ ପ୍ରଫେସର ରବିନାରାୟଣ ଦାଶ, କବି ଶ୍ରୀଦେବ, ଗାଳ୍ପିକ ନିବାରଣ ଜେନା, ପ୍ରଦୀପ ଚାଟ୍ଟାର୍ଜୀ ଓ ଡ. ସୁବାସ ଚନ୍ଦ୍ର ପାତ୍ର ପ୍ରମୁଖ ବକ୍ତା ଭାବେ ଯୋଗଦେଇ କଥାକାର ଶତପଥୀଙ୍କ କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋଚନା ପରିପ୍ରେକ୍ଷୀରେ ତାଙ୍କୁ କଥାସମ୍ରାଟ ଫକୀରମୋହନଙ୍କ ଯୋଗ୍ୟତମ ଦାୟାଦ ଭାବରେ ଚିତ୍ରଣ କରିଥିଲେ । ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଥାକାର ବସନ୍ତ ଶତପ୍ଥୀଙ୍କ ସୁପୁତ୍ର ସୁରଜିତ ଶତପଥୀଙ୍କ ସମେତ ଦୀନବନ୍ଧୁ ଲେଙ୍କା, ତପନ ରାୟ, ସଚ୍ଚୀନ୍ଦ୍ର କର, କରୁଣାକର ସ, ଦୀପକ କୁମାର ଦାସ, ଶାନ୍ତିଲତା ପଣ୍ଡା, ରମାକାନ୍ତ ନାୟକ, ରବିନାରାୟଣ ସାସମଲ, ମାନସ ରଞ୍ଜନ ସାମଲ, ସଞ୍ଜୟ ପଣ୍ଡା, ପିତାମ୍ବର ବେହେରା, ମଧୁସୂଦନ ମାଝୀ, ରମାକାନ୍ତ ମହାନ୍ତି, ଯୋଗେଶ ଚନ୍ଦ୍ର ପ୍ରଧାନ, ସ୍ନିଗ୍ଧା ସାମନ୍ତରାୟ, ରମେଶ ଚନ୍ଦ୍ର ଜେନା, ଶରତ ମହାପାତ୍ର, ସୁବ୍ରତା ମହାନ୍ତି, ଶାନ୍ତି ବିଶି, ପ୍ରଭାକର ସାହୁ, ଅଶ୍ୱିନୀ ମହାନ୍ତି, ଲକ୍ଷ୍ମୀକାନ୍ତ ବେହେରା, ଦିଲ୍ଲୀପ ଚକ୍ରବର୍ତ୍ତୀ, ଅରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିରଳ ରୋଗରେ ପୀଡ଼ିତ ଝିଅକୁ ସହାୟତା ନିବେଦନ

ବାଲେଶ୍ୱର, ୨୦।୨(ସମିସ): ଏ ପ୍ଲାଷ୍ଟିକ ଏନିମିଆ ରୋଗରେ ଆକ୍ରାନ୍ତ ହୋଇଛି ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ରହୁଥିବା ଅମିତ କର ଓ ସୁପ୍ରିତୀ କରଙ୍କ ୯ ବର୍ଷ ର ଝିଅ ପ୍ରତୀକ୍ଷା । ଏହି ରୋଗର ଚିକିତ୍ସା ପାଇଁ ପଚାଶ ଲକ୍ଷ ଟଙ୍କା ଆବଶ୍ୟକତା ରହିଛି । ବୋନ ମେରୋ ଟ୍ରାନ୍ସପ୍ଲାଣ୍ଟେସନ ମାଧ୍ୟମରେ ଚିକିତ୍ସା କରିବାକୁ ପଡ଼ିବ । ଅମିତ ଜଣେ ନିମ୍ନ ମଧ୍ୟବିତ୍ତ ପରିବାର ଲୋକ ଅଟନ୍ତି । ଏକା ଥରକେ ଏତେ ଅର୍ଥ ସେ ଯୋଗାଡ଼ କରି ପାରୁନାହାନ୍ତି । ତେବେ ଖବର ପାଇ 'ଦେବାଶିଷ ସେଠୀ ସ୍ମୃତି କମିଟି 'ର ସଭାପତି ମିନତୀ ସେଠୀ ଓ ତାଙ୍କର ସହଯୋଗୀ ଆଜି ଅପରାହ୍ନ ରେ ଅମିତ କରଙ୍କ ପତ୍ନୀଙ୍କୁ ଆର୍ଥିକ ସହଯୋଗ କରିଛନ୍ତି । ତାଙ୍କର ଫୋନ ପେ ୯୨୩୮ ୯ ୯୪୩୫୬ ରେ ଯଥା ସମ୍ଭବ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମିନତୀ ଅନୁରୋଧ କରିଛନ୍ତି ।

# ମାଟ୍ରିକ ପ୍ରଥମ ଦିନ ପରୀକ୍ଷାରେ ୬୯ ଅନୁପସ୍ଥିତ

ବସ୍ତା ବ୍ଲକ, ୨୦।୨ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା -୨୦୨୪ ମଙ୍ଗଳବାର ଆରମ୍ଭ ହୋଇଛି ।। ଚଳିତ ବର୍ଷ ବସ୍ତା ବ୍ଲକ ରେ ୧୬ ଟି ସେଣ୍ଟର ରେ ୨୧୩୫ ପରୀକ୍ଷାର୍ଥୀ ବୋର୍ଡ ପରୀକ୍ଷା ଥିବା ବେଳେ ପ୍ରଥମ ପରୀକ୍ଷା ମାତୃଭାଷା ରେ ୧୪ ଟି ସେଣ୍ଟର ରେ ୬୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ କେହି କପି କରି ଧରା ପଡ଼ି ନଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଭଗବାନ ଚନ୍ଦ୍ର ହାଇସ୍କୁଲ, କଇନଗିରି ରେ ୧୧୧ ଜଣଙ୍କ ମଧ୍ୟରୁ ୩ଜଣ, ଜାମଶୁଳି ନୋଡାଲ ହାଇସ୍କୁଲ ରେ ୨୦୭ ଜଣ ଙ୍କ ମଧ୍ୟରୁ ୧୨ ଜଣ, " ଲକ୍ଷ୍ମୀ ନାରାୟଣ ନୋଡାଲ ହାଇସ୍କୁଲ ଦରଡ଼ା ରେ ୧୪୯ ଜଣ ଙ୍କ ମଧ୍ୟରୁ ୪ ଜଣ, ଏମ ୟୁ ବି ନୋଡାଲ ହାଇସ୍କୁଲ, ବେଲି ରେ ୧୭୨ ଜଣ ଙ୍କ ମଧ୍ୟରୁ ୧୧ ଜଣ, ରାଧାନାଥ ନୋଡାଲ ହାଇସ୍କୁଲ ପାଉଁଶ କୁଲି ରେ ୨୦୧ ଜଣ ୧୦ ଜଣ, ଶମ୍ଭୁନାଥ ହାଇସ୍କୁଲ ବସ୍ତା ରେ ୧୪୧ ଜଣ ଙ୍କ ମଧ୍ୟରୁ ୬ ଜଣ, ସିଦ୍ଧେଶ୍ୱର ନୋଡାଲ ହାଇସ୍କୁଲ ଅମର୍ଦ୍ଦା ରୋଡ ରେ ୧୦୦ ଜଣ ଙ୍କ ମଧ୍ୟରୁ ୨ ଜଣ, ଆର କେ ହାଇସ୍କୁଲ୍ ବାହାର୍ଦ୍ଦାରେ ୧୭୦ ଜଣଙ୍କ ମଧ୍ୟରୁ ୨ ଜଣ, ବସ୍ତା ଗାର୍ଲ୍ସ ହାଇସ୍କୁଲ ରେ ୧୪୦ ଜଣଙ୍କ ମଧ୍ୟରୁ ୨ ଜଣ, ବନବିହାରୀ ଲାଲ ନୋଡାଲ ହାଇସ୍କୁଲ ଗୁଡ଼ିଖାଲ ରେ ୧୩୩ ଜଣଙ୍କ ମଧ୍ୟରୁ ୧ ଜଣ ପରୀକ୍ଷା ସେଣ୍ଟର ରେ ଅନୁପସ୍ଥିତ ଅଛନ୍ତି । ସେହିପରି ମଧ୍ୟମା ସଂସ୍କୃତ ପରୀକ୍ଷାରେ ରାଇମଣି ହାଇ ସ୍କୁଲ ସେଣ୍ଟର ରେ ୪୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଶିକ୍ଷା ବିଭାଗ ରୁ ସୂଚନା ମିଳିଛି ।

# ୧୯ କେନ୍ଦ୍ରରେ ୨୯୧୬ ପରୀକ୍ଷାର୍ଥୀ, ୧୦୭ ଅନୁପସ୍ଥିତ

ଜଳେଶ୍ୱର ବ୍ଲକ, ୨୦।୨(ସମିସ): ଚଳିତବର୍ଷରେ ଆଜି ମାଟ୍ରିକ ପରୀକ୍ଷାର ସାହିତ୍ୟ ବିଷୟରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଜଳେଶ୍ୱର ବ୍ଲକ ଅଧିନରେ ଥିବା ୬୮ଟି ହାଇସ୍କୁଲର ୩୦୨୩ ଛାତ୍ରଛାତ୍ରୀ ୧୯ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । ଜଳେଶ୍ୱର ହାଇସ୍କୁଲରେ ପ୍ରଶ୍ନପତ୍ରର ହବ୍ ହୋଇଥିବା ବେଳେ ତ୍ରିସ୍ତରୀୟ ସ୍କ୍ୱାର୍ଡ ଦ୍ୱାରା ପରୀକ୍ଷାକେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଛି । ସିସିଟିଭି ସର୍ଭିଲେନ୍ସରେ ପରୀକ୍ଷା ହୋଇଥିବା ବେଳେ ଆଜି ସାହିତ୍ୟ ବିଷୟରେ ୧୦୭ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଦେଖିବାକୁ ମିଳିଛି । ଜଳେଶ୍ୱର ହାଇସ୍କୁଲ ଓ ଶାଳିକୋଠସ୍ଥିତ ସଦାଶିବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୫୮ଜଣ ସଂସ୍କୃତ ମଧ୍ୟମା ବିଷୟରେ ପରୀକ୍ଷା ଦେବାକୁ ଥିବା ବେଳେ ୪ଜଣ ଅନୁପସ୍ଥିତ ଥିଲେ । ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ଥିବା ଚଳିତବର୍ଷ ପ୍ରଥମ ।

# ସାଂସଦ ଖେଳ ମହାକୁମ୍ଭ ଉଦ୍‌ଘାଟିତ



ବାଲେଶ୍ୱର, ୨୦।୨(ସମିସ): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ବିଜେପି ସାଂସଦମାନେ ପ୍ରତିବର୍ଷ ଖେଳ ମହାକୁମ୍ଭର ଆୟୋଜନ କରିଥାନ୍ତି । ସେହି କ୍ରମରେ ଆଜି ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ସାଂସଦ ଖେଳ ମହାକୁମ୍ଭର ଉଦଘାଟନୀ ଉତ୍ସବ ସ୍ଥାନୀୟ ପରମିଟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଯାପନୀ ଉତ୍ସବ ଆସନ୍ତା ୨୯ ତାରିଖରେ ଅନୁଷ୍ଠିତ ହେବ । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଆଥଲେଟିକ ଆସୋସିଏସନର ଉପସଭାପତି ଅଜୟ ମିଶ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ । ୧୦ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଖେଳ କାର୍ଯ୍ୟକ୍ରମରେ ସଂସଦୀୟ କ୍ଷେତ୍ରର ସମସ୍ତ ବ୍ଲକରୁ ମୋଟ୨୫ ହଜାରରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ । ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ମମତା ମହାପାତ୍ର ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଆଇନଜୀବୀ କିରଣ କୁମାର ମହାରଣା ଧନ୍ୟବାଦ ଦେଇଥିଲେ ।

# କମର୍ଦ୍ଦା ଡାକ୍ତରଖାନାରେ କାୟାକଳ୍ପ ଟିମ୍

କମର୍ଦ୍ଦା, ୨୦।୨(ସମିସ): ଭୋଗରାଇ ବ୍ଲକ କମର୍ଦ୍ଦା ଡାକ୍ତରଖାନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୂପାନ୍ତରିତ କରିବାରେ ମୁଖ୍ୟମନ୍ତ୍ରୀଙ୍କ କୃପାଦୃଷ୍ଟି ହେତୁ ସମ୍ଭବ ହୋଇପାରିଛି । ୨୦୧୧ ମସିହା ମାର୍ଚ୍ଚ ୪ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଳସରୀ ସମୁଦ୍ର ଉତ୍ସବକୁ ଉଦଘାଟନ ଅବସରରେ ଆସି କମର୍ଦ୍ଦା ଡାକ୍ତରଖାନାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଶୁଭ ଉଦଘାଟନ କରିଥିଲେ । ଆଜି ତାହା ପ୍ରଗତି ହେବାରେ ସମ୍ଭବ ହୋଇଛି ।ଏବେ ଚାରିଜଣ ଏମବିବିଏସ ଡାକ୍ତର ସହିତ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ଡା.ମାନିକ ରତନ ପ୍ରଧାନ ସୁପରିଟେଣ୍ଡେଣ୍ଟ ରହିଛନ୍ତି । କାୟାକଳ୍ପ ଟିମ୍ ଆସି ପରିଦର୍ଶନ କରି ଫେରିଛନ୍ତି ।

# ଡିହକଖଡା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର, ୨୦।୨(ସମିସ) : ଆଜିର ଶିଶୁ ଅମାପ ବୈଜ୍ଞାନିକ ଜ୍ଞାନ-ସମ୍ପଦର ଅଧିକାରୀ । ଜିଜ୍ଞାସା, ପରିଶ୍ରମ, ଭକ୍ତି ଭାବ ଦ୍ୱାରା ହିଁ ସବୁକ୍ଷେତ୍ରରେ ପିଲାଟି ଜୟଲାଭ କରିଥାଏ ବୋଲି ଭୋଗରାଇର ବାରବାଟିଆ ପଞ୍ଚାୟତର ଡିହକଖଡା ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବକ୍ତାମାନେ ପ୍ରକାଶ କରିଛନ୍ତି । ପ୍ରଦୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇର ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ଓ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଉତ୍ସବ କୁମାର କର ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବାରବାଟିଆ ସିଆରସିସି ଅଶୋକ ସାହୁ, ଶିକ୍ଷାବିତ ତାପସ ଚନ୍ଦ୍ର ପାତ୍ର, ସୁବାସ ଚନ୍ଦ୍ର ଦେ, ବାରବାଟିଆ ସରପଞ୍ଚ ବାସୁଦେବ ମହାନ୍ତି, 'ସକାଳ'ର ସାମ୍ବାଦିକ ଶିଶିର କୁମାର ପ୍ରଧାନ, ସମ୍ବାଦର ସାମ୍ବାଦିକ ଦିଲ୍ଲିପ ଦାସ, ଶିକ୍ଷାବିତ ସୁଦାମ ଗିରି, ୱାର୍ଡସଭ୍ୟା ସଙ୍ଗୀତା ରାଣୀ ଜେନା, ପରିଚାଳନା କମିଟିର ସଭାପତି କୃପାସିନ୍ଧୁ ଗିରି, ପ୍ରଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ସୁବଳ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ସୁଚିନ୍ତିତ ଉପଦେଶ ପ୍ରଦାନ କରିଥିଲେ । ଶିକ୍ଷକ ସୁକାନ୍ତ ଘଡାଇ ମଞ୍ଚ ଆହ୍ୱାନ ଓ ପ୍ରାଥମିକ ପ୍ରଧାନ ଶିକ୍ଷୟିତ୍ରୀ କରିହାଁସଦା ଅତିଥି ପରିଚୟ କରିଥିବା ବେଳେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଳଗୋପାଳ ଦାସ ପ୍ରାରମ୍ଭିକ ଅଭିଭାଷଣ ଓ ବିବରଣୀ ପାଠ କରିଥିଲେ ଏବଂ ଶିକ୍ଷକ ଗୌରୀଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏବଂ ସର୍ବ ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମସ୍ତ କାର୍ଯ୍ୟ ପରିଚାଳନାରେ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ସମେତ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଓ ଡିହକଖଡା ଗ୍ରାମବାସୀମାନେ ସହଯୋଗ କରିଥିଲେ ।

# ଦେଉଳା ଓ ଅନଲିଆରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଭୋଗରାଇ, ୨୦।୨(ସମିସ);




ଭୋଗରାଇ ବ୍ଲକ ଅନ୍ତର୍ଗତ ଦେଉଳା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଚୈତନ୍ୟ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଯୋଗଦେଇ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ସଦସ୍ୟ ଗୌତମ ଗିରି, ନାଏବ ସରପଞ୍ଚ ସଞ୍ଜୁରାଣୀ ଜେନା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୀତାମଣି ଟୁଡୁ, ଦେଉଳା ପଞ୍ଚାୟତ ମହିଳା ସଭାନେତ୍ରୀ ରତ୍ନମଣି ବାରିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଯୁବନେତା ତାପସ ଦାସ ମହାପାତ୍ର, ଜିଆରଏସ୍ କାନେଇଲାଲ ଦାସ, ରଞ୍ଜନ କୁମାର ଗିରି, ମନୋଜ ଜେନା, ସପନ ଦାସ, ସୁବ୍ରତ ମହାନ୍ତି, ସୁଶୋଭନ ଗିରି, ସୁଦାମ ଜେନା, ପଙ୍କଜ ପାତ୍ର, ବିକାଶ ଦତ୍ତ, ରଞ୍ଜିତ ଦାସ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ଭୋଗରାଇ ବ୍ଲକ ଅନ୍ତର୍ଗତ ଅନଲିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସଙ୍ଗୀତାରାଣୀ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଜୟ କୁମାର ଦାନୀ ମଞ୍ଚ ସଞ୍ଚାଳନ କରିଥିଲେ । ମୁଖ୍ୟଅତିଥି ଭାବେ ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟା ନମିତା ପାଲ, ଦୀପକ ଗିରି, ରାମଚନ୍ଦ୍ର ବେହେରା, ଶୁକମଣୀ ଗିରି, ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଲ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାନ୍ତି, ଜଗଦୀଶ ଦାସ, ସତ୍ୟାନନ୍ଦ ସ, ସଞ୍ଜୟ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ତହସିଲ ଓକିଲ, କିରାଣି ଓ ପିଅନ ପିଟାମରା

ଭୋଗରାଇ/ଚୌକି, ୨୦।୨ (ସମିସ) :

## ଥାନାରେ ପୃଥକ ୩ ମାମଲା

ଭୋଗରାଇ ତହସିଲର ଓକିଲ, କିରାଣୀ, ପିଅନଙ୍କ ମଧ୍ୟରେ ପିଟାମରା ହୋଇଥିଲା ବେଳେ ଏ ନେଇ ଭୋଗରାଇ ଥାନାରେ ପୃଥକ ୩ ଟି ମାମଲା ରୁଜୁ ହୋଇଛି । ସୂଚନା ମୁତାବକ, ଗତ ୧୩ ତାରିଖ ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ଭୋଗରାଇ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅକ୍ଷୟ କୁମାର ମହାନ୍ତି ନିଜ ଟେବୁଲରେ କାର୍ଯ୍ୟରତ ଥିବା ସମୟରେ ଓକିଲ ପ୍ରଶାନ୍ତ କୁମାର ଜେନା ସେଠାରେ ପହଞ୍ଚି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ପିଟାମରା କରିବା ପାଇଁ ଉଦ୍ୟତ ହୋଇଥିଲେ । ସେହି ସମୟରେ ସେଠାରେ କାର୍ଯ୍ୟରତ ପିଅନ ତପନ କୁମାର ରଣସିଂହ ଏହାର ପ୍ରତିବାଦ କରିବାରୁ ଓକିଲ ଶ୍ରୀ ଜେନା ତାଙ୍କୁ ଧକ୍କା ମାରିବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପିଟାମରା କରିଥିଲେ । ଏହାକୁ ନେଇ ପିଅନ ଶ୍ରୀ ରଣସିଂହ ତହସିଲଦାର ହିମାଂଶୁ ଶେଖର ଗିରିଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲା ବେଳେ ସେ ଏହାକୁ ଭୋଗରାଇ ଥାନାକୁ ପଠାଇ ଦେଇଥିଲେ । ଅନ୍ୟପକ୍ଷରେ ୧୯ ତାରିଖ ସୋମବାର ଅପରାହ୍ନ ୫ ଟା ସମୟରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଦୋକାନରେ ଓକିଲ ପ୍ରଶାନ୍ତ କୁମାର ଜେନା ତାଙ୍କ ଓକିଲ ବନ୍ଧୁ ମାନଙ୍କୁ ନେଇ ଚା' ପିଉଥିଲା ବେଳେ ସେଠାରେ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅକ୍ଷୟ କୁମାର ମହାନ୍ତି ତାଙ୍କର ଅନ୍ୟ ଦୁଇ ଜଣ ସହଯୋଗୀଙ୍କ ସହିତ ଚା' ପିଇବା ପାଇଁ ପହଞ୍ଚିଥିଲେ । ପୂର୍ବରୁ କିଛି ଘଟଣାକୁ ନେଇ ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ସହିତ ପିଟାମରା ହୋଇଥିଲା । ଉଭୟେ ଆହତ ହେବା ସହିତ ଲହୁଲୁହାଣ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ଏ ନେଇ ଓକିଲ ଶ୍ରୀ ଜେନା ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରିଥିଲା ବେଳେ ବରିଷ୍ଠ କିରାଣି ଶ୍ରୀ ମହାନ୍ତି ଭୋଗରାଇ ତହସିଲଦାର ଶ୍ରୀ ଗିରିଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ । କିରାଣୀ ଶ୍ରୀ ମହାନ୍ତିଙ୍କ ଏହି ଲିଖିତ ଅଭିଯୋଗକୁ ତହସିଲଦାର ଭୋଗରାଇ ଥାନାକୁ ପଠାଇ ଦେଇଥିଲେ । ଉଭୟଙ୍କ ଲିଖିତ ଅଭିଯୋଗ କ୍ରମେ ଭୋଗରାଇ ଥାନା ପୁଲିସ ପୃଥକ ଦୁଇଟି ମାମଲା ରୁଜୁ କରିଥିଲା ବେଳେ ପିଅନ ଶ୍ରୀ ରଣସିଂହଙ୍କ ଲିଖିତ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା ରୁଜୁ କରିଛି । ଏଏସଆଇ ହୃଷିକେଶ ବିଶ୍ୱାଳ ତଦନ୍ତ କରୁଛନ୍ତି ।

